# ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ସମ୍ବଲପୁର ଗସ୍ତ

## ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ସମ୍ବଲପୁର, ୨୨।୨(ସମିସ)

ଓଡ଼ିଶା ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ସମ୍ବଲପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି। ସେ ଶନିବାର ରେଙ୍ଗାଲି ଏବଂ କୁଚିଣ୍ଡା ଗସ୍ତରେ ଯାଇଥିଲେ। ସେଠାରେ ଶ୍ରୀ ଶର୍ମା ସଲାଡ ଜିପିର ଜୋଗିପାଲି ଠାରେ ସ୍ଥିତ ଜଳବିଶୋଧନ ପ୍ରକଳ୍ପ, ଲଇଡା ଗ୍ରାମର ଫୋଡଡର ଚାଷ, ଲକ୍ଷପତି ଦିଦି ମାନଙ୍କର ଷ୍ଟ୍ରବେରି ଚାଷ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଏହା ପରେ ସେ ଲଇଡ଼ା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ରେଡ ଫ୍ୟାକ୍ଟ୍ରି କୁଚିଣ୍ଡାର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ପରୁଆଭାଡିର ଏସ୍ଏସ୍ ତାଲିମ କେନ୍ଦ୍ର, ଲଙ୍କା ଚାଷ କ୍ଷେତ, ପ୍ରପେଟା ନାଳ ଉପରେ ନିର୍ମାଣାଧୀନ ତେଲିତିଲେଇମାଳରୁ ଗୋଛାରା ପର୍ଯ୍ୟନ୍ତ ବ୍ରିଜ ଆଦିର ପରିଦର୍ଶନ କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକର ଆୟୋଜନ କରଯାଇଥିଲା। ଉକ୍ତ ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦ ଭୂଷଣଙ୍କ ସମେତ ସମସ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



■ ସାନ ଯା' କୁ ବଡ଼ ଯା'ର ଯକୃତ ଦାନ ଘଟଣା

# ଚିକିତ୍ସାରେ ଅବହେଳା ଯୋଗୁଁ ସାନ ଯା'ର ମୃତ୍ୟୁ

**ସମ୍ବଲପୁର, ୨୨।୨(ସମିସ):** ମୃତ୍ୟୁ ମୁଖରୁ ସାନ ଯା'କୁ ଫେରାଇ ଆଣିବା ପାଇଁ ବଡ଼ ଯା' କରିଥିବା ସାହସ ଆଜି ବ୍ୟର୍ଥ ଯାଇଛି। ନିଜର ଯକୃତ ଦାନ କରି ସାନ ଯା'କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା ବଡ଼ ଯା'। ଶେଷରେ ନିୟତି ଆଗରେ ହାର୍ ମାନି ଯାଇଛି। ଡାକ୍ତରଙ୍କ ଚିକିତ୍ସା ଅବହେଳା ଯୋଗୁଁ ଦୀର୍ଘ ଦିନ ଧରି ଜୀବନ ମୃତ୍ୟୁ ସହ ସଂଘର୍ଷ କରିଥିବା ସା ଯା' ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଗାଁକୁ ମୃତଦେହ ଫେରିବା ପରେ କାନ୍ଦବୋବାଳିରେ ଗାଁ ଫାଟି ପଡ଼ିଛି।



ସୂଚନା ଅନୁସାରେ ସମ୍ବଲପୁର ଉପକଣ୍ଠ ମାନେଶ୍ୱର ଝଂକରପାଲି ଗାଁର ଶ୍ରୀନିବାସ ପ୍ରଧାନଙ୍କ ସାନ ବୋହୂ ଉମାକାନ୍ତୀ ପ୍ରଧାନ ଷ୍ଟୋନ ଅପରେସନ କରିବାକୁ ଯାଇଥିବାବେଳେ ଡାକ୍ତର ଭୁଲରେ ପିତ୍ତକୋଷ କାଟି ଦେଇଥିଲେ। ତେବେ ସମୟ କ୍ରମେ ଲିଭର ଖରାପ ହୋଇଗଲା। ତେବେ ଲିଭର ପ୍ରତିରୋପଣ ନ କଲେ ଆଗକୁ ଜୀବନ ପ୍ରତି ବିପଦ ଥିବା ଡାକ୍ତର କହିବା ପରେ ବଡ଼ ଯା' ପ୍ରତିମା ପ୍ରଧାନ ସାନ ଯାକୁ ଝିଅ ଭାବି ଲିଭର ଦାନ କରିଥିଲେ। କିଛିଦିନ ତଳେ ହାଇଦ୍ରାବାଦରେ ଲିଭର ପ୍ରତିରୋପଣ ହୋଇଥିଲା। ଯାହା କିଛି ଦିନତଳେ ସାରା ଓଡ଼ିଶାରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ହେଲେ ଲିଭର ପ୍ରତ୍ୟାରୋପଣ ପରେ ବି ଆହୁରି କିଛି ଦିନ ଚିକିତ୍ସା ଦରକାର ପଡୁଥିବାରୁ ହାଇଦ୍ରାବାଦରେ ରହି ଚିକିତ୍ସା କରୁଥିଲେ। ହେଲେ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ତାଙ୍କର ଲିଭର ସଂକ୍ରମଣ ହୋଇଗଲା। ଏହାପରେ ମଲ୍ଟି ଅର୍ଗାନ କାମ କରିବା ବନ୍ଦ କରିଦେବା ଫଳରେ ଶୁକ୍ରବାର ରାତ୍ରିରେ ସାନ ଯା' ଉମାକାନ୍ତିଙ୍କ ମୃତ୍ୟୁ ଘଟିଛି। ଠିକ୍ ସମୟରେ ଡାକ୍ତର ସଠିକ୍ ଚିକିତ୍ସା ନ କରିବା ଫଳରେ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ଘଟି ଶେଷରେ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ତେବେ ମୃତଦେହ ଝାଙ୍କରପାଲିରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଉମାକାନ୍ତିଙ୍କ ୭ବର୍ଷର ଏକ ଶିଶୁପୁତ୍ର ଅଛି।

# ଭିସୁଟରେ ଟେକ୍ନିକାଲ ଓ କଲ୍‌ଚରାଲ ଫେଷ୍ଟ

**ସମ୍ବଲପୁର, ୨୨।୨(ସମିସ):** ଭିସୁଟରେ ଆରମ୍ଭ ହୋଇଛି ପଶ୍ଚିମ ଓଡ଼ିଶାର ବାର୍ଷିକ ଟେକ୍ନିକାଲ ଓ କଲ୍‌ଚରାଲ ଫେଷ୍ଟ - 'ସମାବେଶ ଓ ବସନ୍ତ'। ବିଭିନ୍ନ ଜାତୀୟ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ପଶ୍ଚିମ ଓଡ଼ିଶାରେ ଏମିତି ଏକ ବଡ଼ କାର୍ଯ୍ୟକ୍ରମ ହେଉଥିବାରୁ ଏଠାର ପିଲାମାନେ ଅନେକ କିଛି ଶିକ୍ଷା ପାଇବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ଦିନରେ 'ଡିକୋଡ୍ ଟେକ୍' ଓ 'ଭର୍ଚୁଆଲ୍ ଭୋୟେଜ୍' ଅନୁଷ୍ଠିତ ହୋଇଥିଲା। ରୋବୋଟିକ୍ସ ସୋସାଇଟି ଦ୍ୱାରା 'ଡେଥ୍ ଭ୍ୟାଲି' ରେ କିପରି ବୋଟ୍ ଗୁଡ଼ିକ ପାର କରିବେ ସେନେଇ କ'ଣ ଚ୍ୟାଲେଞ୍ଜ ରହିବ ସନେଇ ପ୍ରଦର୍ଶିତ ହୋଇଛି। ସେହିପରି ବସନ୍ତ ସାଂସ୍କୃତିକ ଉତ୍ସବରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପିକ୍ସେଲ୍ସ ପକ୍ଷରୁ ଫେସ୍ ପେଣ୍ଟିଂ ଓ ଦେଶୀ ଡିଜାଇନରରେ ଛାତ୍ରଛାତ୍ରୀ ପ୍ରଦର୍ଶନ କରି ନିଜ କଳାକୃତି ଦେଖାଇଛନ୍ତି।

# ବାଲ୍ୟବିବାହ ନିଷେଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ନାକଟିଦେଉଳ, ୨୨।୨(ସମିସ):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଏନ୍ଏସ୍ଏସ୍, ଯୁବ ରେଡକ୍ରସ ୟୁନିଟ୍, ରେଡ୍ ରୀବନ୍ କ୍ଲବ୍ ଓ ଏନ୍‌ସିସିର ମିଳିତ ଆନୁକୂଲ୍ୟରେ ଶନିବାର ବାଲ୍ୟବିବାହ ନିଷେଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଆଲୋଚକ ଭାବରେ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ରବନା ଯୋଗଦେଇ ବାଲ୍ୟ ବିବାହ ପ୍ରଥାର କାରଣ, ନିରାକରଣ, ବିଲୋପ, ବାଲ୍ୟ ବିବାହ ବିରୋଧୀ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ବାଲ୍ୟ ବିବାହ ନିଷେଧରେ ଶିକ୍ଷା ଅନୁଷ୍ଠାନ, ପିତାମାତା, ପରିବାର ତଥା ସମାଜସେବୀ ମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେବାସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ଛାତ୍ରୀ ସମ୍ମିଳନୀ

**ସମ୍ବଲପୁର, ୨୨।୨(ସମିସ):** ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତ ତରଫରୁ ପ୍ରାନ୍ତସ୍ତରୀୟ ଛାତ୍ରୀ ସମ୍ମିଳନୀ ସମ୍ବଲପୁରର ରାଧାନାଥ କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଅର୍ନ୍ତରାଷ୍ଟ୍ରୀୟ ନୃତ୍ୟ ଶିଳ୍ପୀ ପଦ୍ମିନୀ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବରେ କ୍ଷେତ୍ରୀୟ ଛାତ୍ରୀ ପ୍ରମୁଖ ଗାର୍ଗୀ ବାନାର୍ଜୀ ଉପସ୍ଥିତ ଥିବାବେଳେ ମଞ୍ଚରେ ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ବରାଇ, ରାଜ୍ୟ ଉପସଭାପତି ନିର୍ଝରଣୀ ତ୍ରିପାଠୀ, ପ୍ରାନ୍ତ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୩୦୦ରୁ ଅଧିକ ଛାତ୍ରୀ ପଶ୍ଚିମ ପ୍ରାନ୍ତରୁ ଆସିଥିଲେ। ସୁରଜ୍ ଧଳ, ନିଖିଲ ଅଗ୍ରୱାଲ, ସିଞ୍ଚନ ମିଶ୍ର, ଅଭିଷେକ ପାଣିଗ୍ରାହୀ, ସାଇ ଶ୍ରୀ ପଟେଲ, ଲକି ଛତ୍ରିଆ, ବରୁଣ ପଟେଲ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ।

# ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବୈଠକ

**ସମ୍ବଲପୁର, ୨୨।୨(ସମିସ):** ଜଗନ୍ନାଥ ହାଇସ୍କୁଲ ଝାଙ୍କରପାଲି ଠାରେ ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଓଷ୍ଟା ସମ୍ବଲପୁର ଜିଲ୍ଲାର ଜିଲ୍ଲା ସଭାପତି କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରଞ୍ଜନ କୁମାର ଦାଶ, ବ୍ରଜେନ୍ଦ୍ର କୁମାର ବିଶ୍ୱାଳ, କୁଳଧର ପ୍ରଧାନ, ପ୍ରାକ୍ତନ ସମ୍ପାଦକ ହରି ନାରାୟଣ ପଣ୍ଡା, ବିଭୂତି ଭୁଷଣ ଚାନ୍ଦ, ବିଶ୍ୱାମିତ୍ର ଦୀପ ଓ ସମନ୍ୱୟ ସମିତିର ସଦସ୍ୟ ଆନନ୍ଦ ଚନ୍ଦ୍ର ପତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକାଶ ଥାଉକି ଦୀର୍ଘଦିନ ଧରି କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ଅନେକ ଅସମାହିତ ଦାବି ରହିଛି ଏବଂ ଏହି ଦାବିଗୁଡିକ ସରକାରଙ୍କ ସହିତ ବିଭିନ୍ନ ସମୟରେ ଓଡ଼ିଶା ସ୍କୁଲ୍ ଓ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଆଲୋଚନା କରାଯାଇଛି। ବିଗତ ଦିନରେ ରାଜ୍ୟସ୍ତରୀୟ ଶିକ୍ଷକ-କର୍ମଚାରୀ ସମାବେଶ ମାଧ୍ୟମରେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ତା ସତ୍ତ୍ୱେ ସରକାରଙ୍କ ତରଫରୁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ଏବେ ସୁଦ୍ଧା ନିଆଯାଇନାହିଁ। ତେଣୁ ସରକାରଙ୍କ ଦୃଷ୍ଟିକୁ ଆକର୍ଷିତ କରିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ସମନ୍ୱୟ ସମିତି ତରଫରୁ ସମାବେଶର ଆୟୋଜନ କରାଯାଉଛି। ଏହାର ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ସମସ୍ତ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି। ଦାବିଗୁଡ଼ିକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସରକାରଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ ଦାବିପୂରଣ ନ ହେଲେ ଆଗାମୀ ଦିନରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଆନ୍ଦୋଳନର ମାର୍ଗକୁ ଆପଣାଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତବ୍ୟକ୍ତ କରିଛନ୍ତି।




# ସମୂହ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ



**ସମ୍ବଲପୁର, ୨୨।୨(ସମିସ):** ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ୨୪ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୌରିଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଐକ୍ୟମର ସଂଯୋଜକ କେଦାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା, ଦୁଃଖିଶ୍ୟାମ ସେବକ, ପବିତ୍ର ମୋହେନ ଶତପଥୀ ଓ ସୁଧାଂଶୁ ନାଏକ ଯୋଗଦେଇ ଥିଲେ। ୨୪ ଜଣ ଯୁବ ଚିତ୍ରଶିଳ୍ପୀଙ୍କ କଳାକୃତିକୁ ପ୍ରଶଂସା କରିଥିଲେ। ଏହି ଚିତ୍ରକଳା ପ୍ରଦର୍ଶନୀକୁ ସମ୍ବଲପୁର ତଥା ବିଭିନ୍ନ ଜିଲ୍ଲାରୁ ୬୩୯ ଜଣ କଳାପ୍ରେମୀ ପରିଦର୍ଶନକରି ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ କେଦାର ନାୟକଙ୍କ ସମେତ ହୃଷୀକେଶ ରଣା, ଏମ୍‌ସାଇ ଜନାର୍ଦ୍ଦନ ଆଚାର୍ଯ୍ୟ, ପ୍ରେମ ଚାନ୍ଦ ରାଉତ୍, ପ୍ରଭୁ ଦୟାଲ୍ ତିର୍କି, ପିବି. ଗଣେଶ, ଶାନ୍ତନୁ କୁମାର ମେହେର, ବୃନ୍ଦାବନ ବିଶି, ସତ୍ୟନାରାୟଣ ମେହେର, ବୀରେନ୍ଦ୍ର ବି. ସିଂ, ଗଣେଶ ପ୍ରସାଦ ସିଂ, ସମରେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ମେହେର, ପପ୍ପୁ କୁମାର ନାୟକ, ସୁରେଶ କୁମାର ସାହୁ, ଡି. ଶିବା ଆଚାରୀ, ବିକାଶ ଘୋଷ, ଶୁଭମ୍ ସାହୁ, ଅଂଶୁମାନ ପଣ୍ଡା, ରାହୁଲ୍ ମହାକୁଡ, ଲିଙ୍କନ ନାୟକ, ସୁଶାନ୍ତ ମେହେର, ବିଦ୍ୟାପତି ପଧାନ ଏବଂ ସରୋଜ ରଣାଙ୍କ ଚିତ୍ତାକର୍ଷକ ଚିତ୍ରକୃତୀ ସ୍ଥାନ ପାଇଥିଲା। ଚିତ୍ରଶିଳ୍ପୀ ବିଦ୍ୟାପତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖୋଜ ନାବାଳକ ଉଦ୍ଧାର




**ସମ୍ବଲପୁର, ୨୨।୨(ସମିସ):** ବଜାମୁଣ୍ଡା ହଷ୍ଟେଲରୁ ଦୁଇ ଜଣ ଛାତ୍ର ନିଖୋଜ ଥିଲେ। ଶୁକ୍ରବାର ଦୁଇଜଣ ଛାତ୍ର ସୁବାସ ମାଝୀ ଓ ବିଦ୍ୟାଭୂଷଣ ଭୁଏ ହଷ୍ଟେଲରୁ ନିଖୋଜ ହୋଇଯାଇ ଥିଲେ। ଶନିବାର ସକାଳୁ ସମ୍ବଲପୁର ଜିଲ୍ଲା ଝାରମୁଣ୍ଡା ଗ୍ରାମବାସୀ ଜଙ୍ଗଲକୁ କାଠ ପାଇଁ ଯାଇଥିବାବେଳେ ଏକ ବାଳକ ରେଲୱେ ଟ୍ରେକ୍ ସାଇଡରେ ଥିବା ଏକ ଗଛମୂଳରେ କାନ୍ଦିବାର ଦେଖି ସମାଜସେବୀ ପ୍ରଦୀପ ସେଟଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ପ୍ରଦୀପ ସେଟ ସାଥୀ ଟିମ୍‌ର ଆଦି ନନ୍ଦଙ୍କୁ ଜଣାଇଥିଲେ। ଆଦି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳକକୁ ଉଦ୍ଧାର କରି ସ୍ଥାନୀୟ ଫାଣ୍ଡି ଅଧିକାରୀ କିଷାନ ବାବୁଙ୍କୁ ଏହି ବିଷୟରେ ଅବଗତ କରିଥିଲେ। ପଚାରଉଚରା ପରେ ବଜାମୁଣ୍ଡା ହଷ୍ଟେଲ ପ୍ରଧାନଶିକ୍ଷକ ବାଳକର ପରିବାରଲୋକଙ୍କୁ ଡାକି ଜିମା ଦେଇଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ 'ପେ ଆଣ୍ଡ ଉଇନ୍' ବିଜେତାଙ୍କ ନାମ ଘୋଷଣା

**ବୁର୍ଲା, ୨୨।୨ (ସମିସ):** ଟିପିଡବ୍ଲ୍ୟୁଓଡିଏଲ୍‌ତରଫରୁ ଜାନୁଆରୀ ମାସ ପାଇଁ 'ପେ ଆଣ୍ଡ ଉଇନ୍ ସ୍କିମ୍' ମାଧ୍ୟମରେ ବିଜେତାମାନଙ୍କର ଚୟନ ଅନଲାଇନ୍ ମାଧ୍ୟମରେ କରାଯାଇଛି। ଏନେଇ ଟିପିଡବ୍ଲ୍ୟୁଓଡିଏଲ କମର୍ସିଆଲ୍ ବିଭାଗର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମାଙ୍କ ବ୍ୟତୀତ ଅନ୍ୟାନ୍ୟ ବିଭାଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ସ୍କିମ୍‌ର ନିୟମ ଅନୁସାରେ ଟିପିଡବ୍ଲ୍ୟୁଓଡିଏଲର ଯୋଗ୍ୟ ଗ୍ରାହକଙ୍କ ମଧ୍ୟରେ ସ୍ୱୟଂଚାଳିତ କମ୍ପ୍ୟୁଟର୍ ଦ୍ୱାରା ପ୍ରତ୍ୟେକ ଉପଖଣ୍ଡ ପାଇଁ ୩ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଚୟନ କରାଯାଇଥାଏ ଏବଂ ସେହି ଉପଭୋକ୍ତଙ୍କୁ ପ୍ରଥମ ପୁରସ୍କାର ଭାବେ ଏକ ସ୍ମାର୍ଟ ଫୋନ୍, ଦ୍ୱିତୀୟ ପୁରସ୍କାର ଭାବେ ଏକ ସାରେଗାମା କାରମା ଏବଂ ତୃତୀୟ ପୁରସ୍କାର ଭାବେ ଏକ ସୋଲାର ଲ୍ୟାମ୍ପ ଉପହାର କରାଯାଇଥାଏ। ଚଳିତ ଡିସେମ୍ବର ମାସ ପାଇଁ ଏହି ଯୋଜନା ଅଧୀନରେ ସମଗ୍ର ପଶ୍ଚିମ ଓଡ଼ିଶାରୁ ୫ ଲକ୍ଷ ୫୩ ହଜାର ୪୨୫ ଜଣ ବିଦ୍ୟୁତ୍ ଉପଭୋକ୍ତା ଯୋଗ୍ୟ ବିବେଚିତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂ ଚାଳିତ କମ୍ପ୍ୟୁଟର ଦ୍ୱାରା ଲକି ଡ୍ର ମାଧ୍ୟମରେ ୫୭ଟି ଉପଖଣ୍ଡରୁ ୧୭୧ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଜେତା ଭାବେ ଚୟନ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ହେତୁ ଟିପିଡବ୍ଲ୍ୟୁଓଡିଏଲର ପ୍ରାୟ ଏକ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ବିଗତ ୬ ମାସ ମଧ୍ୟରେ ନିଜର ସମସ୍ତ ବକେୟା ପୈଠ କରି ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମସ୍ତ ବିଜେତାଙ୍କୁ ଆଗାମୀ କିଛି ଦିନ ମଧ୍ୟରେ ନିକଟସ୍ଥ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରି ପୁରସ୍କାର ପ୍ରଦାନ କରାଯିବ। ସମସ୍ତ ଉପଭୋକ୍ତାଙ୍କ ନାମ କମ୍ପାନୀର ୱେବ୍‌ସାଇଟରେ ମଧ୍ୟ ଉପଲବ୍ଧ କରାଯିବ।



# ଜମାଦାରପାଲି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର, ୨୨।୨ (ସମିସ):** ଜମାଦାର ପାଲି ଆଶ୍ରମ ସ୍କୁଲ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଧନକଉଡ଼ା ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅମୂଲ୍ୟ କୁମାର ଭୋଇଙ୍କ ସଭାପତିତ୍ୱରେ ଜିଲ୍ଲା ଶକ୍ଷାଧିକାରୀ ନରେଶ କୁମାର ଖମାରୀ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଭୋଜରାଜ ରେହିଦାଶ ସମ୍ମାନିତ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲାଲାଜୀ ପ୍ରଧାନ ଏବଂ ସନ୍ତୋଷ କୁମାର ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସର୍ବାଙ୍ଗୀନ ବିକାଶ ତଥା ତାଙ୍କ ଭିତରେ ଥିବା ଅର୍ନ୍ତଃନିହିତ ପ୍ରତିଭାର ପରିପ୍ରକାଶ ପାଇଁ ବାର୍ଷିକ ଉତ୍ସବ ଆୟୋଜନ ଏକ ଉତ୍ତମ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ନାଟ୍ୟକାର ଅତିଶ କୁମାର ଶତପଥୀଙ୍କ ଲିଖିତ ତଥା ନିର୍ଦ୍ଦେଶିତ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଧାନ ଶିକ୍ଷକ ଜଗଦିସ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଦେବାଧି ବାରିକ, ମୀନକେତନ ଭୋଇ, ସୁନୀଲ ପ୍ରଧାନ, ଅନୀମା ବେହେରା, ଅଭାଗିନୀ ରାଉତ, କଲ୍ୟାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜମନକିରା ସ୍କୁଲର ବାର୍ଷିକ ଉତ୍ସବ ଲାଗି ପ୍ରସ୍ତୁତି ବୈଠକ



**ଜମନକିରା, ୨୨।୨(ସମିସ):** ଜମନକିରା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ୨୦୨୬ ଜାନୁୟାରୀରେ ୧୨୫ ବର୍ଷ ପୂରଣ ହେଉଥିବାବେଳେ ଏହାର ପୂର୍ତ୍ତି ପାଳନ ନିମନ୍ତେ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସ୍କୁଲର ପୁରାତନ ଛାତ୍ର ଦିଲୀପ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୨୫ ପୂର୍ତ୍ତି ଉତ୍ସବକୁ ମହାଆଡ଼ମ୍ବରରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆଗାମୀ ଦିନରେ ଏକ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରିବା ପାଇଁ ସ୍କୁଲ ପରିଚାଳନା କମିଟିକୁ ଦାୟିତ୍ୱ ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ପୁରାତନ ଛାତ୍ରଛାତ୍ରୀମାନଙ୍କ ତାଲିକା ପ୍ରସ୍ତୁତ କରିବା ପରେ ଆଗାମୀ ବୈଠକ ହେବା ପାଇଁ ସ୍ଥିର ହୋଇଛି। ୧୯୦୧ ମସିହାରେ ଅଞ୍ଚଳର କିଛି ଶିକ୍ଷା ପ୍ରେମୀଙ୍କ ଉଦ୍ୟମ ରେ ଏହି ପ୍ରାଥମିକ ବିଦ୍ୟାଳୟ ଗଠି ଉଠିଥିଲା। ସେମାନଙ୍କ ନିଜସ୍ୱ ଅବଦାନରେ ଆରମ୍ଭ ହୋଇଥିଲା ସ୍କୁଲ ପାଠପଢ଼ା। ବିଦ୍ୟାଳୟର ୧୨୫ ବର୍ଷ ପୂର୍ତ୍ତିକୁ ନେଇ ବେଶ ଉତ୍ସାହିତ ଅଛନ୍ତି ଅଞ୍ଚଳବାସୀ। ବୈଠକରେ ବରିଷ୍ଠ ଛାତ୍ର ଗୋକୁଳାନନ୍ଦ ଦାନୀ, ନବୀନ ପଟେଲ, ସରୋଜ ପଟ୍ଟନାୟକ ମଞ୍ଚାସିନ ରହିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ସୁଚରିତା ପଣ୍ଡା ସ୍ୱାଗତ ଅଭିଭାଷଣ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସହକାରୀ ଶିକ୍ଷକ ଆନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

# ମାତୃଭାଷା ଜ୍ଞାନର ଭାଷା ହେଲେ ଦେଶର ସର୍ବାଙ୍ଗୀନ ବିକାଶ ଘଟିବ

ସମ୍ବଲପୁର, ୨୨।୨(ସମିସ)



ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ୟୁନାଇଟେଡ୍ କମର୍ସିଆଲ ବ୍ୟାଙ୍କ ମିଳିତ ଭାବରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ହିନ୍ଦୀ ପ୍ରାଧ୍ୟାପକ ଡ. ଜୟନ୍ତ କରଶର୍ମା, ମୁଖ୍ୟଅତିଥି ଭାବରେ ସମ୍ବଲପୁର ୟୁକୋ ବ୍ୟାଙ୍କର ଡେପୁଟି ଜୋନାଲ ମୁଖ୍ୟ ରଶ୍ମୀରଞ୍ଜନ ମହାପାତ୍ର, ଆଲୋଚକ ଭାବରେ ଓଡ଼ିଆ ବିଭାଗ ମୁଖ୍ୟ ଅଖିଳ ବିଶ୍ୱାଳ, ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ, ହିନ୍ଦୀ ଅଧ୍ୟାପକ ପୁରୁଷୋତ୍ତମ କୁମ୍ଭ ଓ ୟୁକୋ ବ୍ୟାଙ୍କ ହିନ୍ଦୀ ଅଧିକାରୀ ବିଶାଳ ଚୌହାନ ଯୋଗଦାନ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ବରାଳ ମାତୃଭାଷା ଶିକ୍ଷାଦାନ ଏବଂ ଗ୍ରହଣର ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡ. କରଶର୍ମା ମାତୃଭାଷାର ଗୁରୁତ୍ୱ ଜାତୀୟ ଶିକ୍ଷାନୀତିରେ କିଭଳି ପ୍ରତିଫଳିତ ହୋଇଛି ତାହା ବ୍ୟକ୍ତ କରିଥିଲେ। ଆଲୋଚକ ଭାବରେ ଡ. କରଶର୍ମା ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ହିନ୍ଦୀ ଭାଷାର ଉପଯୋଗିତା ଏବଂ ବିଭିନ୍ନ ଭାଷାର ବିକାଶର ଦିଗରେ କୃତ୍ରିମ ମେଧା ଓ ଯାନ୍ତ୍ରିକ ଭାଷାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଆଲୋଚକମାନେ ମାତୃଭାଷା ଜ୍ଞାନର ଭାଷା ହେଲେ ସମାଜର ପ୍ରତ୍ୟେକ ବର୍ଗର ଲୋକମାନେ ଉପକୃତ ହେବେ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରୁ ଜ୍ଞାନ ମୁକ୍ତି ପାଇ ସମାଜର ସବୁସ୍ତରକୁ ସଞ୍ଚରିତ ହେବ ଓ ଦେଶର ସର୍ବାଙ୍ଗୀନ ବିକାଶ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବ ଅବସରରେ ୟୁକୋ ବ୍ୟାଙ୍କ ତରଫରୁ ହିନ୍ଦୀ ବିଭାଗର ସ୍ନାତକୋତ୍ତରର ଶ୍ରେଷ୍ଠ ଦୁଇଜଣ ଛାତ୍ରୀ ତୃପ୍ତି ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରତ୍ୟେକଙ୍କୁ ପାଞ୍ଚହଜାର ଟଙ୍କା ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପୁରୁଷୋତ୍ତମ କୁମ୍ଭ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଂଯୋଜନା କରିଥିଲେ।

ଶିକ୍ଷା ବିଭାଗର ପାତରଅନ୍ତର ନୀତି

# ଷ୍ଟଡି ଟୁର୍ କାର୍ଯ୍ୟକ୍ରମରୁ ବାଦ୍ ପଡ଼ିଲେ ୧୨ ବିଦ୍ୟାଳୟର ଛାତ୍ରଛାତ୍ରୀ

## ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଅଭିଭାବକ

**ଗାଇସିଲେଟ, ୨୨।୨(ସମିସ)**



ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରକଳ୍ପ ମାଧ୍ୟମରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଷ୍ଟଡି ଟୁର କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଇସିଲେଟ ବ୍ଲକର ପ୍ରତି ସରକାରୀ ଉଚ୍ଚ ବିଦ୍ୟାଳୟରୁ ତିନିଜଣ ଛାତ୍ରଛାତ୍ରୀଙ୍କୁ ଯୋଗଦେବାକୁ ମନୋନୀତ କରାଯାଇଛି। କିନ୍ତୁ ସରକାରୀ ଅନୁଦାନ ପ୍ରାପ୍ତ ୧୨ଟି ବିଦ୍ୟାଳୟରୁ କୌଣସି ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇନାହିଁ । ଗୁଦେରପାଲି, କୁଣ୍ଡାଖାଇ, ଚିଖ୍ଲି, ଜାମୁଟପାଲି, କଟାବହାଲ, ବରିହାପୁଖପାଣି, କନ୍ଦାଗାଡ଼, ଫିରିଙ୍ଗିମାଲ, କନ୍ଧୁମୁଣ୍ଡା, ବେହେରାମୁଣ୍ଡା ,ଡଙ୍ଗବହାଲ, ଜଗଲପାଟଠାରେ ଥିବା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ କୌଣସି ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇନାହିଁ। ସୂଚନାରୁ ପ୍ରକାଶ ଯେ, ଏହି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଏହି ବ୍ଲକରେ ଆରମ୍ଭ କରାଯାଇଥିଲା । ପୁଣି ଆଜି ଏହି ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ମୋହନ ରଣାଙ୍କୁ ଶିକ୍ଷା ବିଭାଗ ଆଜିର ଷ୍ଟଡି ଟୁରର ଗାଇଡ୍ ଶିକ୍ଷକ ଭାବେ ମନୋନୀତ କରିଥିବା ବେଳେ ଛାତ୍ରଛାତ୍ରୀ ବଞ୍ଚିତ ହେଲେ କିପରି ? ଏପରି ପ୍ରଶ୍ନ ଜନସାଧାରଣଙ୍କ ମନରେ ଉଙ୍କି ମାରୁଛି । ଏ ସବୁ ଘଟଣାକୁ ନେଇ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏଣୁ ଆଗାମୀ ଦିନରେ ସରକାର ଛାତ୍ରଛାତ୍ରୀଙ୍କ ମନରେ ଏମିତି ପାତର ଅନ୍ତର ନୀତି ନ ଆଣିବାକୁ ଅଭିଭାବକମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପ୍ରେରଣା ତାଲିମ ଶିବିର ଉଦ୍‌ଯାପିତ

**ବରପାଲି,୨୨।୨ (ସମିସ):** ବରପାଲି ବ୍ଲକ ଶିକ୍ଷାବିଭାଗ କାର୍ଯ୍ୟାଳୟରେ ପ୍ରେରଣା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଶିବିରରେ ବରପାଲି ଓ ଭେଡ଼େନ ବ୍ଲକର ନବନିଯୁକ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ନେଇ ପ୍ରେରଣା ପ୍ରଶିକ୍ଷଣ ତାଲିମ ପରିଚାଳନା ହୋଇଥିଲା। ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ଅଧ୍ୟକ୍ଷତା କରିଥିଲେ। ଶ୍ରୀକ୍ଷେତ୍ର ମେହେର, ଅଶୋକ ସାହୁ, ରାଜେନ୍ଦ୍ର ମେହେର ଓ ମିଥୁନ ସାହୁ ସମସ୍ତ ପ୍ରଶିକ୍ଷକଙ୍କୁ ଧନ୍ୟବାଦ ସହ ଶୁଭେଚ୍ଛା ଜ୍ଞାପନ କରିଥିଲେ । ବିଆରସିସି ଦୁର୍ଯ୍ୟୋଧନ ସିଂ ଓ ପ୍ରଧାନଶିକ୍ଷକ ମନୋଜ ବାରିକ ସାର୍ଟିଫିକେଟ ପ୍ରଦାନ କରି ନୂଆ କର୍ମମୟ ଜୀବନର ଉତ୍ତରୋତ୍ତର କାମନା କରିଥିଲେ।

## ପାଇକମାଲ ବିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପାଇକମାଲ, ୨୨।୨ (ସମିସ) :** ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲ ପ୍ରେକ୍ଷାଳୟରେ ଖପ୍ରାଖୋଲକୁ ବଦଳି ହୋଇଥିବା ବିଇଓ ଚୂଡ଼ାମଣି ବାରିକଙ୍କୁ ପାଇକମାଲ ମାଧ୍ୟମିକ ବିଭାଗ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଛାତ୍ରଛାତ୍ରୀମାନେ ବିଦାୟ ସଙ୍ଗୀତ ଗାନ କରିଥିଲେ । ଏବିଇଓ ରାଧେଶ୍ୟାମ ମେହେର, ଧଳେନ୍ଦ୍ର ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନନ୍ଦଲାଲ ନାୟକ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ହୃଦାନନ୍ଦ ଭୋଇ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ରାଜକୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ଦୈତାରି ବିଶ୍ୱାଳ, ସୁଶାନ୍ତ ପଣ୍ଡା, ଭିଷ୍ମଦେବ ପ୍ରଧାନ, ଯତୀନ୍ଦ୍ର ଦୀପ, ରାଜୁ ପଟ୍ଟନାୟକ, ବବିତା ବେହେରା ପ୍ରମୁଖ ସଭାରେ ବିଦାୟୀ ବିଇଓ ଶ୍ରୀ ବାରିକଙ୍କ କାର୍ଯ୍ୟ ଦକ୍ଷତା ଉପରେ ବକ୍ତବ୍ୟ ରଖିଥିଲେ। ବିଦାୟୀ ବାରିକଙ୍କୁ ପୁଷ୍ପଗୁଚ୍ଛ, ମୁକୁଟ, ଫୁଲହାର, ଉତ୍ତରୀୟ ଓ ଫଳଦାନ କରି ବ୍ଲକ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଘୋଷ ବାଦ୍ୟ ବାଦନ କରି ଶୋଭାଯାତ୍ରାରେ ବିଦାୟ ଦିଆଯାଇଥିଲା । ପାଇକମାଲ ସାମ୍ବାଦିକ ସଂଘ ତରଫରୁ ବଢ଼ ଶତପଥୀ ଓ ସୁରଥ କୁମାର ସାହୁ ସମ୍ବର୍ଦ୍ଧନା କରିଥିଲେ। ପ୍ରମୋଦ କୁମାର ପ୍ରଧାନ, ଲିଙ୍ଗରାଜ ସାହୁ, ନରସିଂହ ପ୍ରଧାନ, ଚୂଡ଼ାମଣି ହଂସ, ପଦ୍ମନ୍ ଲାଇ, ଗୋପାଳ ପ୍ରଧାନ, ବସନ୍ତ ପ୍ରଧାନ, ଲଳିତ କୁମାର ବିଶ୍ୱାଳ, ସ୍ୱାଧୀନ ବେହେରା, ଅମିତ୍ ସାହୁ, ନିରୁପମା ସାହୁ, ଆନନ୍ଦିନୀ ସେଠ, ସୁଦାମ ପାଣ୍ଡେ, ସଙ୍କୀର୍ତ୍ତନ ଛତର, ପବିତ୍ର ପ୍ରଧାନ, ମନୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୧୬ ରେ 'ଆଲୋକରେ ଶବ୍ଦ ନୃତ୍ୟ'ର ଉନ୍ମୋଚନ



**ବରଗଡ଼ ,୨୧।୨(ସମିସ):** ଶୁକ୍ରବାର ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ଏକ ବୈଠକ ସ୍ଥାନୀୟ ଏ.ଇ. ମିସନ ସ୍କୁଲ ସମ୍ମିଳନୀ କକ୍ଷରେ ଡ. ତପସ୍ୱିନୀ ଗୁରୁଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଶବ୍ଦ ନୃତ୍ୟର ପ୍ରଣେତା ଗୁରୁ ଭଗବାନ ସାହୁଙ୍କ ଆଦର୍ଶ ପଟ୍ଟ ଶିଷ୍ୟ ଶାସ୍ତ୍ରୀୟ ଶବ୍ଦ ନୃତ୍ୟଗୁରୁ ଭାଗବତ ପଧାନଙ୍କ ରଚିତ ଶାସ୍ତ୍ରୀୟ ପ୍ରାମାଣିକ ପୁସ୍ତକ 'ଆଲୋକରେ ଶବ୍ଦ ନୃତ୍ୟ' ର ପ୍ରଥମ ଭାଗ ଆସନ୍ତା ମାର୍ଚ୍ଚ ୧୬ ତାରିଖ ଦିନ ୧୦ ଟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାରଠାରେ ଉନ୍ମୋଚନ ହେବ। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସର୍ବଶ୍ରୀ ଦଧିବାବନ ଶତପଥୀ, ଯୁଗଳ ପ୍ରାସାଦ ସିଂ, କୃଷ୍ଣଚନ୍ଦ୍ର ପଣ୍ଡା, ସାମ୍ବାଦିକ ତୁଳସୀ ଚରଣ ଦାଶ, ସନ୍ତୋଷ କୁମାର ଦାଶ, ଅଚ୍ୟୁତା ନନ୍ଦ ବାରିକ, ଡ. ଯଶବୀର ସିଂ ସୈନି, ଶିବାନନ୍ଦ ମଟାରି, ଉଦ୍ଧବ ବେହେରା, ବିମଳ କୃଷ୍ଣ ମିଶ୍ର,ସାରଥି ମେହେର, ସୁଶାନ୍ତ ପାଢ଼ୀ, ଅଜିତ ମହାନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସର୍ଦ୍ଦାର ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାମଡୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭେଡେନ,୨୨।୨(ସମିସ):** ଭେଡେନ ସ୍ଥିତ ଜାମଡୋଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଶିବଲାଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ , ସମ୍ମାନିତ ଅତିଥିଭାବରେ ପରିଚାଳନା କମିଟିର ସଭାପତି ପୂର୍ଣ୍ଣନନ୍ଦ ଚଣ୍ଡୀ, ଶିକ୍ଷକ ଦେବେନ୍ଦ୍ର ତନସନା,ସିଆରସିସି ଖିତେଶ୍ୱର ବେହେରା, ଦିଲୀପ କୁମାର କର୍ମୀ,କଥାକାର ଜିଲ୍ଲା ନାଥ, କମିଟି ସଭ୍ୟ ରାମନାରାୟନ ଦଳେଇ ପ୍ରମୁଖ ଯୋଗଦାନ କରିଥିଲେ। ସଭା ପ୍ରାରମ୍ଭରୁ ଅତିଥିବୃନ୍ଦ ମାଁ ବାଗଦେବୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା। ଶିକ୍ଷକ ନ୍ୟାୟବନ୍ତ ପଧାନ ଓ ମନୋଜ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମିନା ମହାନା ବର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଅରକ୍ଷିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



## ବାଲୁଙ୍କେଶ୍ୱର ବାବା ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ବରପାଲି,୨୨।୨ (ସମିସ):** ବରପାଲି ବ୍ଲକ ବାଞ୍ଜିପାଲି ବରାଡ଼ ବାଲୁଙ୍କେଶ୍ୱର ବାବା ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠାତା ବିଶ୍ୱେଶର ପ୍ରଧାନ ଓ ଯଶୋବନ୍ତୀ ପ୍ରଧାନ ଏବଂ ଯଜ୍ଞକର୍ତ୍ତା ଭାବେ ବିଶ୍ୱେଶର ପ୍ରଧାନ ଓ ଯଶୋବନ୍ତୀ ପ୍ରଧାନ କାର୍ଯ୍ୟଭାର ନିର୍ବାହ କରିଥିଲେ। ସେହିପରି ଉତ୍ସବରେ ଆୟୋଜକମାନଙ୍କ ସହାୟତାରେ ଜଳନ୍ଧର ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ପାରାୟଣ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ସଦାନନ୍ଦ ଦାସ, ଗୋପାଳ ଦାସ, ବୈଷ୍ଣବ ଦାସ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପ୍ରତିଷ୍ଠା ଅବସରରେ ଗାଁର ସୁବାସ ବାରିକ, ଗଙ୍ଗାଧର ଦାସ, ସିଦ୍ଧେଶ୍ୱର ପ୍ରଧାନ, ସମୀର ଦାଶ, ସାନନ୍ଦ ବାରିକ, ଈଶ୍ୱର ନାୟକ, ଯାଦବ ପ୍ରଧାନ, ଲୋକନାଥ ପ୍ରଧାନ, ଶ୍ରୀକାନ୍ତ ସ୍ୱାଇଁ, ଆଲୋକ ଦାସ ସାମନ୍ତ ବାରିକ, ତୋଷବନ୍ତ ପ୍ରଧାନ, ଆଶୁତୋଷ ପ୍ରଧାନ, ବଳଭଦ୍ର ବାରିକ ସାହାଯ୍ୟ କରିଥିଲେ।

## ଖଇର କାଠ ସହ ଟ୍ରାକ୍ଟର ଜବତ; ଜଣେ ଗିରଫ



**ପଦ୍ମପୁର, ୨୨।୨ (ସମିସ):** ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧୀନସ୍ଥ ଘେଁସରା ଗ୍ରାମରେ ଚୋରାକାଠ ଚାଲାଣ ଖବର ପାଇ ପଦ୍ମପୁର ବନ ବିଭାଗ ତରଫରୁ ଚଢ଼ଉ କରାଯାଇଥିଲା। ଖଇର କାଠ ବୋଝେଇ ଏକ ଟ୍ରାକ୍ଟର ଜବତ କରାଯିବା ସହ ଚାଳକକୁ ଗିରଫ କରାଯାଇଛି । ଟ୍ରାକ୍ଟରରେ ୩.୨୫ ଟନ ଖଇର କାଠ ବୋଝେଇ ହୋଇଥିଲା। ଏ ସଂକ୍ରାନ୍ତରେ ପଦ୍ମପୁର ବନାଞ୍ଚଳ ଅଧିକାରୀଙ୍କ କେସ ନଂ. ୬୯/୨୦୨୫ ଅନୁସାରେ ଏକ ମାମଲା ରୁଜୁ ହୋଇଛି। ବନପାଳ ରାଧାକାନ୍ତ କୁମ୍ଭାର, ସରୋଜ ସାହୁ, ବନରକ୍ଷୀ ପୃଥ୍ୱୀରାଜ ଭୋଇ, ସ୍କାର୍ଡ ମାନ ଠେଠୁଆ ଓ ଅନ୍ୟମାନେ ଚଢ଼ଉରେ ସାମିଲ ଥିଲେ।

## ଷଣ୍ଢକୁ ଧକ୍କାଦେଇ ଦୋକାନରେ ପଶିଗଲା ଗାଡ଼ି; ଷଣ୍ଢ ମୃତ

**ବରଗଡ଼,୨୨।୨(ସମିସ):** ବରଗଡ଼ରୁ ଭଟଲି ରାସ୍ତାରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ଗତକାଲି ଭୋରରୁ ଏମିତି ଏକ ଦୁର୍ଘଟଣାରେ ଜଣଙ୍କ ଜୀବନ ଯାଇଥିଲା । ଆଜି ପୁଣି ଏକ ଜୋରଦାର ଦୁର୍ଘଟଣା ଘଟିଛି, ହେଲେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ବରଗଡ଼ ଜିଲ୍ଲା ଭଟଲି ଛକ ପାଖରେ ଥିବା ସାର କାରଖାନା ନିକଟରେ ଘଟିଛି ଏହି ଦୁର୍ଘଟଣା। କୁକୁଡ଼ା ବୋଝେଇ କରି ଆସୁଥିବା ଏକ ପିକଅପ୍ ଭ୍ୟାନ ଗାଡ଼ି ଏକ ଷଣ୍ଢକୁ ଧକ୍କାଦେବା ପରେ ଏକ ଦୋକାନ ଭିତରକୁ ଧସେଇ ପସିଯାଇଥିଲା। ଦୁର୍ଘଟଣାରେ ଷଣ୍ଢର ମୃତ୍ୟୁ ଘଟିଥିବା ବେଳେ ଦୋକାନର ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଗୃହର କାନ୍ଥ ମଧ୍ୟ ଭାଙ୍ଗି ଯାଇଛି।



## ଲୋହରାକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପଦ୍ମପୁର, ୨୨।୨ (ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଲୋହରାକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜନକ ଲାଲ ମେହେର ମୁଖ୍ୟ ଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ପଣ୍ଡା, ସମିତି ସଭ୍ୟ ଅଶୋକ ପ୍ରଧାନ, ପରିଚାଳନା ସମିତି ସଭାପତି ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ବୁଦ୍ଧିଜୀବୀ ଭଗତରାମ ପ୍ରଧାନ, ଶିକ୍ଷକ ହୀରାଲାଲ ବିଶ୍ୱାଳ,ନିରାକାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବାର୍ଷିକ କ୍ରୀଡ଼ାରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ସହକାରୀ ଶିକ୍ଷକ ଅଭିନାଶ ମହାନନ୍ଦ ମଞ୍ଚ ସଂଯୋଜନା କରିଥିଲେ । ସହକାରୀ ଶିକ୍ଷକ ଗଣେଶ ରାମ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପ୍ରକାଶ ପ୍ରଧାନ, ଚିନ୍ମୟ ସାହୁ, ଶିକ୍ଷୟିତ୍ରୀ ରେଣୁକା ପ୍ରଧାନ ସମେତ ଅଭିଭାବକ ସୁଦାମ ପ୍ରଧାନ,ରଘୁନାଥ ପ୍ରଧାନ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ମାଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ମାଣ୍ଡୋସିଲ, ୨୨।୨ (ସମିସ) :** ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ମାଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପ୍ରଧାନ ଶିକ୍ଷକ ଗୋବିନ୍ଦ ଶଗଡ଼ିଆଙ୍କ ସଭାପତିତ୍ୱରେ ଆମ ସଂସ୍କୃତି, ଆମ ଖେଳଣା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ବିଶିଷ୍ଟ ଅତିଥି ଭାବରେ ମାଣ୍ଡୋସିଲ ସିଆରସିସି ବସୁଦେବ କୁମ୍ଭାର ଓ ସମ୍ମାନିତ ଅତିଥି ଭାବରେ ଚୁନିଲାଲ ହଂସ, ଦୀନମଣି ହଂସ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ମାଲପଡ଼ା କ୍ଲଷ୍ଟର ସିଆରସିସି ସନ୍ତୋସ କୁମାର ମେହେରଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପାଇକମାଳ ଏବିଇଓ ଧଳେନ୍ଦ୍ର କୁମାର ବାରିକ, ମୁଖ୍ୟ ବକ୍ତା ଛିନ୍ଦେଇକେଲା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଗିରୀଶ ଚନ୍ଦ୍ର ମାଝୀ,ସ୍କୁଲ ଚେୟାରମ୍ୟାନ ଗିରିଧାରୀ ବରିହା, ଛିନ୍ଦେଇକେଲା ହାଇସ୍କୁଲ ପିଇଟି ଶିକ୍ଷକ ହେମସାଗର ସାହୁ ଯୋଗଦେଇ କୃତୀ ପ୍ରତୀଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସିଆରସିସି ବସୁଦେବ କୁମ୍ଭାର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ସାହୁ,ଶଶିରେଖା ଭୂଏ, ରେବତୀ କ୍ଷେତି , ପରିଚାଳନା କମିଟି ସଭ୍ୟ ସୁପର୍ସି ଦୀପ, ବିକ୍ରମ ରଣା, ସୁଶାନ୍ତ ଜଗତ, ତିଳୋତ୍ତମା ମୁଣ୍ଡା, ସସ୍ମିତା ମାଝୀ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ରୋହିତ ସାହୁ ଧନ୍ୟବାଦ ଦେଇଥିଲେ।



## ଜାତୀୟ କବାଡ଼ି ପ୍ରତିଯୋଗିତାରେ ଅମ୍ବାଭୋନାର ଜୟନ୍ତ

**ବରଗଡ଼,୨୨। ୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ବାରପାହାଡ଼ର ବିଚ୍ଛିନ୍ନାଞ୍ଚଳ ପାଦଦେଶରେ ଥିବା ଏକ ଗାଁ ଲେଲେହର। ନିଜର ଅକ୍ଳାନ୍ତ ପରିଶ୍ରମ ଓ ଇଚ୍ଛାଶକ୍ତି ବଳରେ କବାଡ଼ି ଖେଳ ପ୍ରତିଯୋଗିତାରେ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛନ୍ତି ସେହି ଗାଁର ୨୦ ବର୍ଷିୟ ଯୁବକ ଜୟନ୍ତ ସାହୁ। ଉତ୍ତମ ଗ୍ରାମ ପଞ୍ଚାୟତର ସରପଞ୍ଚ ହୀରାଧର ସାହୁଙ୍କ ଦ୍ୱିତୀୟ ସନ୍ତାନ ହେଉଛନ୍ତି ଜୟନ୍ତ। ପିଲାଦିନରୁ କବାଡ଼ି ଖେଳ ପ୍ରତି ରୁଚି ରଖିଥିଲେ। ମାଆ ସୁଭଦ୍ରା ସାହୁଙ୍କ ସମର୍ଥନ ଓ ପ୍ରେରଣା ଜୟନ୍ତଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ଆଣିଦେଇଛି। ଜାତୀୟ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନଙ୍କ ସହ ତାଙ୍କୁ ଟ୍ରେନିଂ ପାଇଁ କଟକସ୍ଥିତ ଇଣ୍ଡୋର ଷ୍ଟାଡିୟମକୁ ଡକାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଉରକେଲା, ପୁନେ ଆଦି ସ୍ଥାନରେ ଜାତୀୟ ସ୍ତରୀୟ କବାଡ଼ି ଖେଳ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ପାବେ। ଏଥିପାଇଁ ଅମ୍ବାଭୋନା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ କ୍ରୀଡ଼ା ସଂଗଠନ ପକ୍ଷରୁ ତାଙ୍କୁ ବ୍ୟାପକ ସମ୍ବର୍ଦ୍ଧନା ଦିଆଯାଇଛି। ଜୟନ୍ତ ସାହୁ ବର୍ତ୍ତମାନ ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜରେ ଯୁକ୍ତ ତିନି ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି।



## ଭାରତୀ ଶିଶୁ ସାହିତ୍ୟ ସଂସଦର ମାତୃଭାଷା ଦିବସ

**ବରଗଡ଼,୨୨। ୨(ସମିସ):** ମାତୃଭାଷା ମାତୃଭୂମି ପ୍ରତି ନିଜର ପ୍ରତିବଦ୍ଧତା ଶିଖାଏ। ତେଣୁ ମାତୃ ଭାଷା ପ୍ରତି ଆଦର ଓ ସମ୍ମାନ ରହିବା ଉଚିତ୍ ବୋଲି ବରଗଡ଼ ରାଣା ପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ମାତୃ ଭାଷା ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ସଂସଦର ସଭାପତି ଛାତ୍ରୀ ଧରିତ୍ରୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ସାଲିନି ସା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉପସଭାପତି ଶୋଭିତ ନାଏକ, ସହ ସମ୍ପାଦିକା ରିତିକା ସା, କୋଷାଧ୍ୟକ୍ଷ ମମତା ମହାରଣା ପ୍ରମୁଖ ଉପସ୍ଥିତ ରହି ମାତୃଭୂମି ଓ ମାତୃଭାଷାର ମହତ୍ୱ ଉପସ୍ଥାପନ କରିଥିଲେ। ସଂସଦର ଉପଦେଷ୍ଟା ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।



ଜୟ ବୁଢ଼ାରଜା କ୍ରିକେଟ୍

## ବଇଦପାଲିକୁ ହରାଇ ଢୁଢୁକିଝରିଆ ସେମିରେ

**ମାଣ୍ଡୋସିଲ,୨୨।୨(ସମିସ)**

ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ଚାଲିଥିବା ୫ତମ ଜୟ ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଦିନରେ ୫ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ମାଲପଡ଼ାକୁ ହରାଇ ବଇଦପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ବଇଦପାଲି ଓ ଚରିମୁଣ୍ଡା ମଧ୍ୟରେ ମ୍ୟାଚ ହୋଇଥିବାବେଳେ ବଇଦପାଲି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଭେରୁଆମୁଣ୍ଡାକୁ ହରାଇ ଢୁଢୁକିଝରିଆ ବିଜୟୀ ହୋଇଥିଲା। ଚତୁର୍ଥ ଦିନରେ ପୁରେନାକୁ ହରାଇ ଢୁଢୁକିଝରିଆ ବିଜୟୀ ହୋଇଥିଲା। ୫ମ ମ୍ୟାଚ ବଇଦପାଲି ଓ ଢୁଢୁକିଝରିଆ ମଧ୍ୟରେ ହୋଇଥିବାବେଳେ କ୍ୱାର୍ଟର ଫାଇନାଲରେ ଢୁଢୁକିଝରିଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ନେପାଳ ମାଝୀ, ଯଦୁମଣି ମାଝୀ ଓ ଅମୀୟ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ କରନ ପଟେଲ ସ୍କୋରର ଥିଲେ। ସୌମ୍ୟରଞ୍ଜନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବରେ ଲବ ପଟେଲ, ମଳୟ ମହାନ୍ତି, ଲକ୍ଷ୍ମଣ ମାଝୀ, ଟୁକୁ ମହାନ୍ତି ଯୋଗଦେଇ ପୁରସ୍କୃତ କରିଥିଲେ। ଆକାଶ ମଲ୍ଲିକ, ଭୋଜରାଜ ଶ୍ରୀଦାର, ରାଜୁ ଶ୍ରୀଦାର, ରାଜେଶ ମାଝୀ, ଦିବାକର ଧରୁଆ ପ୍ରମୁଖ ସହଯୋଗ କରିଥିଲେ।



# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମା ଜୟନ୍ତୀ



**ମାଣ୍ଡୋସିଲ,୨୨।୨(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ଶ୍ରୀମା ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀମାଙ୍କ ପାଦପଦ୍ମରେ ଧୂପ ପୁଷ୍ପ ଅର୍ପଣ କରାଯାଇଥିଲା । ନାମ ଜପ ପରେ ସଭାକାର୍ଯ୍ୟ ହୋଇଥିଲା । ଅଧ୍ୟକ୍ଷ ଗଙ୍ଗାଧର ରଣା ଦିବ୍ୟଜନନୀ ଶ୍ରୀମାଙ୍କ ଉତ୍ସର୍ଗୀକୃତ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ମଳୟ କୁମାର ହଂସ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଡ୍ରଇଂ, କୁଇଜ୍ , ରଙ୍ଗୋଲି ଓ ବକ୍ତୃତା ଭଳି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମସ୍ତ ଅପା, ଭାଇ ସହଯୋଗ କରିଥିଲେ।

# ମାଣ୍ଡୋସିଲରେ ଶିବରାତ୍ରି ମାହାତ୍ମ୍ୟ ପାଳନ



**ମାଣ୍ଡୋସିଲ,୨୨।୨(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ମାଉସୀ ମା' ମନ୍ଦିର ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଶିବରାତ୍ରୀ ମାହାତ୍ମ୍ୟ ପାଳନ କରାଯାଇଛି। ଏଥିରେ ପାଇକମାଳ ସଞ୍ଚାଳିକା ମୀରା ଭଉଣୀ ଶିବରାତ୍ରୀ ମାହାତ୍ମ୍ୟ ଉପରେ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ମହେନ୍ଦ୍ର କୁମାର ଖୁଣ୍ଟିଆ ଯୋଗଦେଥିଲେ। ଏଥିରେ ଶିବଙ୍କ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ନୂଆପଡ଼ାର ବିକେ ଅଶୋକ ଭାଇ ଶିବଙ୍କ ପରିଚୟ ଉପରେ ଆଲୋକପାତ କରିଥିଲେ। ଏଥିରେ ବିକେ ସୂର୍ଯ୍ୟଭାଇ , ତପନ ଭାଇ ,ତରଣୀ ଭାଇ ,ନବୀନ ଭାଇ,ପରମା ଭାଇ ,ବିକେ ପଦ୍ମିନୀ ଭଉଣୀ, କବିତା ଭଉଣୀ,ହେମାଙ୍ଗିନୀ ଭଉଣୀ, ସୂର୍ଣ୍ଣଲତା ଭଉଣୀ, ମଞ୍ଜୁଶ୍ରୀ ଭଉଣୀ, ଯୋହ୍ନା ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ମହେନ୍ଦ୍ର କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ



**ବରଗଡ଼ ,୨୨। ୨(ସମିସ) :** ସ୍ଥାନୀୟ ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡକ୍ଟର ସଂଗୀତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରୋଜାଲିନ ମିଶ୍ର, ମନୋହର ସାହୁ,ସଞ୍ଜୁରାଣୀ ଦେବତା ପ୍ରମୁଖ ମାତୃଭାଷାର ମହତ୍ତ୍ୱ ବିଷୟରେ ତଥ୍ୟଗର୍ଭକ ଆଲୋଚନା କରିଥିଲେ। ଏହି ଅବସରରେ ପିଲାଙ୍କ ଦ୍ୱାରା ଏକ ଚିତ୍ରପ୍ରଦର୍ଶନୀର ଆୟୋଜନ ତଥା ଭାଷାବୃକ୍ଷର ନିର୍ମାଣ କରାଯାଇଥିଲା। ପ୍ରାଚୀର ପତ୍ରିକା 'ଉତ୍ସ'ର ମାତୃଭାଷା ଦିବସ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଏହି ଉଦ୍ଦେଶ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀ ନୁପୂର ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍ ଗଣ୍ଡପାଲି ସ୍କୁଲର ବାର୍ଷିକୋତ୍ସବ



**ବିଜେପୁର, ୨୨।୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଏମ ଗଣ୍ଡପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାଉନସିଲର ରେଣୁକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଗହକିଲାଲ ନାଏକଙ୍କ ଅଧ୍ୟକ୍ଷତାରେ ଜାଟିଂ ସିଆରସିସି ରାଜେଶ୍ୱର ବେହେରା, ସ୍ଥାନୀୟ ଗୌନ୍ତିଆ ସୁବାସ ପଧାନ, ଶିକ୍ଷାବିତ୍ ନବକିଶୋର ସାହୁ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବିକାଠି ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଲିଳିମା ମେହେର ଅତିଥି ପରିଚୟ ପ୍ରଦାନ, ବିକାଶ ଗଡ଼ତିଆ ସଭା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଚନ୍ଦ୍ରକଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀ ରୀତା କ୍ଷେତିଙ୍କ ସଂଯୋଜନାରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଛାତ୍ରୀ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆଦିବାସୀ ଯୁବକଙ୍କୁ ବିପୁଳ ସମ୍ବର୍ଦ୍ଧନା

# ଭଲ ପାଠ ପଢ଼ି ଗାଁ ଯୁବକଙ୍କ ପାଇଁ ସାଜିଛନ୍ତି ଉଦାହରଣ

**ମାଣ୍ଡୋସିଲ,୨୧।୨(ସମିସ):**



ଇଚ୍ଛା ଶକ୍ତି, ଦୃଢ଼ ମନୋବଳ ଆଗରେ ଦାରିଦ୍ର୍ୟତା ବି ହାର ମାନିଛି। କଠିନ ପରିଶ୍ରମର ସଫଳତାକୁ ପ୍ରମାଣିତ କରିଛନ୍ତି ପାଇକମାଳ ବ୍ଲକ ଉପାନ୍ତ ଭେରୁଆମୁଣ୍ଡା ଗାଁର ଆଦିବାସୀ ଯୁବକ ରତ୍ନାକର ମାଝୀ । ପିତାମ୍ବର ମାଝୀଙ୍କ ସେ ବଡ଼ ପୁଅ। ଚାଷୀ ପରିବାରରେ ଜନ୍ମହୋଇ ତାଙ୍କ ପିଢ଼ିରୁ ସେ ପ୍ରଥମ ସରକାରୀ ଚାକିରିଆ। ବାପା ଧାର ଉଧାର କରି ପଇସା ଯୋଗାଡ଼ କରି ପାଠ ପଢ଼ାଇଥିଲେ। ବାପାଙ୍କୁ ଚାଷ କାମରେ ସାହାଯ୍ୟକରିବା ସହିତ ମେଣ୍ଢା ମଧ୍ୟ ଚରାଇବାକୁ ସେ କୁଣ୍ଠାବୋଧ କରୁ ନଥିଲେ। ବିଭିନ୍ନ ପ୍ରତିକୁଳ ପରିସ୍ଥିତି ମଧ୍ୟରେ ବିଏଡ୍ ପାଠ ସାରି ଓଏସଇଟି ପାସ୍ କରିବା ପରେ ଏସଏସବିରୁ ପିଜିଟି ପଦବୀ ପାଇଁ ସେ ଆବେଦନ କଲେ। ପଢ଼ାପଢ଼ି କରି ଭଲ ମାର୍କ ରଖି ହିନ୍ଦୀ ଶିକ୍ଷକ ଭାବରେ ଚୟନ ହୋଇ ମୁଖ୍ୟମନ୍ତ୍ରୀଙ୍କଠାରୁ ନିଯୁକ୍ତି ପତ୍ର ଗ୍ରହଣ କଲେ । ଏବେ ସେ ଗାଁ ଯୁବକଙ୍କ ପାଇଁ ଉଦାହରଣ ସାଜିଛନ୍ତି। ରାୟଗଡ଼ା ଜିଲ୍ଲାରେ ୧୭ ତାରିଖ ଦିନ ସେ ଚାକିରିରେ ଯୋଗଦେଇ ଶୁକ୍ରବାର ନିଜ ଗାଁକୁ ଫେରିଛନ୍ତି। ଗାଁରେ ବନ୍ଦାପନା କରି ସମ୍ବର୍ଦ୍ଧନା ଦେଇଛନ୍ତି ତାଙ୍କ ପରିବାର, ଆତ୍ମୀୟଜନ ତଥା ଗ୍ରାମବାସୀ। ତାଙ୍କ ସମ୍ପର୍କୀୟମାନେ ଫୁଲ ଚନ୍ଦନ ସହ ବନ୍ଦାପନା କରି ଘରକୁ ପାଛୋଟି ନେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସାମ୍ବାଦିକ ଗିରିଶ ଚନ୍ଦ୍ର ମାଝୀ, ଭେରୁଆମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲିଙ୍ଗେଶ୍ୱର ମୁଟୁକିଆ, ସୁବାସ ମାଝୀ, ମୋତିରାମ ବରିହା,ଫିରୋଜ ମହମ୍ମଦ, ଯାଦବ ମାଝୀ,କେଶବ ସାହୁ ,ସୃସିଙ୍ଗ ମାଝୀ, କୀର୍ତ୍ତି ପୂଜାରୀ,ତୁଳସି ମାଝୀ, ନାରାୟଣ ସାହୁ, ମହନଲାଲ୍ ମାଝୀ ସମେତ ଗ୍ରାମବାସୀ ମଧ୍ୟ ଫୁଲ ତୋଡ଼ା, ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଛନ୍ତି।

# ସାଇବର ଠକାମି ନେଇ ସଚେତନତା ଶିବିର



**ଭେଡ଼େନ,୨୨।୨(ସମିସ):** ଭେଡ଼େନ ବ୍ଲକ ପପଙ୍ଗା ଗ୍ରାମରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଣ୍ଟିଗ୍ରେଟେଡ ବିଏଡ୍ ଚତୁର୍ଥ ବର୍ଷ ଆନୁକୂଲ୍ୟରେ ସାଇବର ଠକାମି ସୁରକ୍ଷା ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମସ୍ତ ଛାତ୍ର ଛାତ୍ରୀ ଗାଁ ମୁଣ୍ଡରୁ ଗାଁ ଶେଷ ପର୍ଯ୍ୟନ୍ତ ଏକ ସଚେତନତା ରାଲି କରିଥିଲେ। ପରେ ବୁଢ଼ାରଜା ମନ୍ଦିର ପ୍ରାଙ୍ଗଣରେ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ପାର୍ଥ ସାରଥୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ସରପଞ୍ଚ ସସ୍ମିତା ହୋତା, ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀ, ସାମାଜିକ କର୍ମୀ ବିଶ୍ୱଜିତ ହୋତା, ଶିକ୍ଷକ ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିଗଣ ଓ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ମଲ୍ଲିକ ସାଇବର ଠକାମିରୁ କେମିତି ବର୍ତ୍ତିବା ସେ ଉପରେ ମତ ପ୍ରକାଶ କରିଥିଲେ। ଭାରତୀ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆସୋସିଏଟ ପ୍ରଫେସର ଅନନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଲେଜର ଛାତ୍ରଛାତ୍ରୀଙ୍କ ପକ୍ଷରୁ କେମିତି ସାଇବର ଠକାମୀ ହୁଏ ଓ ଆମେ କେମିତି ବର୍ତ୍ତିପାରିବା ସେ ଉପରେ ଏକ ନାଟକ ପରିବେଷଣ କରିଥିଲେ। ନାଟକଟିକୁ ଅନନ୍ୟା ପ୍ରାପ୍ତି ହୋତା ଲେଖିଥିବା ବେଳେ ଅନୁଜ ରଞ୍ଜନ ଛତ୍ରିଆ ନିର୍ଦ୍ଦେଶନା ଦେଇଥିଲେ। ଅନନ୍ୟା, ଅନୁଜ, ସୁଶୋଭନ, ନିହାରିକା, ଚିନ୍ମୟ, ଶାଳିନୀ, ସମୀର, ବିଶ୍ୱଜିତ, ବିକାଶ, ସତୀଶ, ରବୀନ୍ଦ୍ର, ଦେବେଶ, ଗାୟତ୍ରୀ ଆଦି ଛାତ୍ର ଛାତ୍ରୀ ଅଭିନୟ କରିଥିଲେ। ପରିଚାଳନାରେ ଶିକ୍ଷା ବିଭାଗର ସମସ୍ତ ଅଧ୍ୟାପକ /ଅଧ୍ୟାପିକା, ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

• ବୃଦ୍ଧଙ୍କ ପାଇଁ ସାତସପନ 'ଆବାସ'

# ଯୋଗ୍ୟତା ଥାଇ ବି ମିଳୁନି ଛାତଘର

ଶଗଡ଼ା, ୨୧।୨(ସମିସ): ସରକାର ଗରିବ ଅସହାୟ ଲୋକଙ୍କ ଆର୍ଥିକ ବିକାଶ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ଗରିବ ନିରୀହ ଲୋକଙ୍କ ନିକଟରେ ଯୋଜନା ପହଞ୍ଚି ପାରୁନାହିଁ। ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚିବାରେ ବାଟବଣା ହେଉଛି। ଗରିବ ଲୋକଙ୍କ ମୁଣ୍ଡ ଉପରେ ଖଣ୍ଡିଏ ପକ୍କା ଘର ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ପକ୍କା ଘର ଯୋଜନାର ବହୁ ଦୂରରେ ଗରିବ ହିତାଧିକାରୀ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ରାବିଡି ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ରାବିଡି ଗ୍ରାମର ବୃଦ୍ଧ ଅଭିଳ କର୍ମୀ (୭୦)ଙ୍କୁ ସରକାର ପକ୍ଷରୁ ଏ ପର୍ଯ୍ୟନ୍ତ ଆବାସ ଘରଟିଏ ମିଳିପାରିଲାନି। ଏହା ଫଳରେ ସେ ଦୁଇ ଅବିବାହିତ ଝିଅ ସହ ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି। ପୂର୍ବରୁ ତାଲିକାରେ ନାମ ଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ତାଙ୍କ ନାମକୁ କାଟି ଦିଆ ଯାଇଥିବା ସେ କହିଛନ୍ତି। ଗତ ଲଗାଣ ବର୍ଷାରେ ତାଙ୍କ ଝାଟିମାଟି ଘର ଭାଙ୍ଗିଯାଇଛି। ପାଖରେ ଟଙ୍କା ନ ଥିବାରୁ ସେ ଘରଟି ସଜାଡି ପାରୁନାହାନ୍ତି। ଏଣୁ ସବୁବେଳେ ଡରି ଡରି ଦିନ କଟୁଛି। ଝଡ଼ତୋଫାନ ହେଲେ ପଡୋଶୀ ଘରେ ଆଶ୍ରୟ ନେଇଥାନ୍ତି। ଦୁଇ ଅବିବାହିତ ଝିଅ ପର ଘରେ ମୂଲ ଲାଗୁଛନ୍ତି। ସେଥିରେ ଯେତିକି ରୋଜଗାର ହୁଏ ଦି ଓଳି ଖାଇବା ସମ୍ଭବ ହୋଇ ନ ଥାଏ। ଏଣୁ ଅନେକ ସମୟରେ ଭୋକ ଉପାସରେ ମଧ୍ୟ ଶୋଇବାକୁ ପଡ଼ିଥାଏ। ଯେଉଁଠି ଦି ଓଳି ଖାଇବା ସମ୍ଭବ ନୁହେଁ ସେଠି ଘର ମରାମତି କଥା ପଚାରେ କିଏ। ବର୍ଷା ଦିନେ ପାଣି ଗଳେ। ଏଣୁ ଦିନ ଦିନ ଉପାସରେ ରହିବାକୁ ପଡେ ବୋଲି କୋହଭରା କଣ୍ଠରେ ଅଭିଳ କହିଛନ୍ତି। ତେବେ ଘର ଖଣ୍ଡିଏ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଡିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। କେହି କିନ୍ତୁ ତାଙ୍କ କଥାକୁ ଗୁରୁତ୍ୱ ଦେଉନ ଥିବା ସେ କହିଛନ୍ତି। ଅନେକ ଅଯୋଗ୍ୟ ହିତାଧିକାରୀ ଘର ପାଉଛନ୍ତି; ହେଲେ ଯୋଗ୍ୟତା ଥାଇ ବି ସେ ଅବହେଳିତ। କେତେକ ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ଅଭିଳ ଘର ଖଣ୍ଡିଏ ପାଇ ପାରି ନ ଥିବା କହିଛନ୍ତି।

# ମାଧବନଗରରେ ୧୫ଦିନ ହେଲା ନଳକୂପ ଅଚଳ : ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

**ଶଗଡ଼ା, ୨୧।୨(ସମିସ):** ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ବାସ୍ତବରେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ସଦର ଗ୍ରାମର ମାଧବ ନଗରରେ ଥିବା ନଳକୂପ ୧୫ ଦିନ ହେବ ଅଚଳ ହୋଇ ପଡ଼ିଛି। ଗ୍ରାମରେ ପାଖାପାଖି ୪୦ ପରିବାରର ୧୦୦ଜଣ ଲୋକ ବସବାସ କରୁଛନ୍ତି। ନଳକୂଅରୁ ପାଣି ବାହାରୁ ନ ଥିବା ଯୋଗୁଁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉଛନ୍ତି। ବର୍ତ୍ତମାନ ଖରା ଦିନ ଆରମ୍ଭ ହୋଇଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେବ। ଏହି ନଳକୂପଟିର ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର ସମାଧାନ ହେଉ ନ ଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ବଢୁଥିବା ଖରାର ପ୍ରକୋପ ସହ ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ନଳକୂପଟିକୁ ଖୁବ୍ ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ସର୍ବୋଦୟ ଶିବିର

**ବରଗଡ଼ ୨୨ ।୨(ସମିସ):** ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ସର୍ବୋଦୟ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଜାତୀୟ କଂଗ୍ରେସ ପତାକାକୁ ସଂଗଠନର ଜାତୀୟ ଉପାଧ୍ୟକ୍ଷ ସଚିନ ନାୟକ ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ । ଉଦଘାଟନୀ ଅଧିବେଶନରେ ମୁଖ୍ୟବକ୍ତା ଭାବରେ ସମ୍ବଲପୁରର ବିଶିଷ୍ଟ ସାମ୍ବାଦିକ ଶିବ ପ୍ରସାଦ ନନ୍ଦ ଯୋଗଦେଇ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ବିଚରଗତ ଲଢେଇର ଆବଶ୍ୟକତା ରହିଛି ବୋଲି କହିଥିଲେ । ଜନ ଆନ୍ଦୋଳନ ଓ ଗଣତନ୍ତ୍ରର ସୁରକ୍ଷା ସମ୍ପର୍କିତ ଅଧିବେଶନରେ ବିଶିଷ୍ଟ କୃଷକ ନେତା ଲିଙ୍ଗରାଜ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ଜନ ଆନ୍ଦୋଳନ ଗଢ଼ିପାରିଲେ ଗଣତନ୍ତ୍ର ସୁରକ୍ଷିତ ହେବ ବୋଲି କହିଥିଲେ । କଳାପାଣି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ମୋହନ ସାହୁ ଓ ସୋହେଲା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଟେକଚାନ୍ଦ ଦୁଅନ କ୍ଷମତା ବିକେନ୍ଦ୍ରିକରଣ ଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ। ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ,ସଂଗଠନର ରାଜ୍ୟ ସଂଯୋଜକ ବିଜୟ ପ୍ରଧାନ , ପାଣ୍ଡବ କର୍ଣ୍ଣ, କିଶୋର ସାହୁ, ଅନନ୍ତ ଶୟନ ପାଢ଼ୀ, ଗଣେଶ ସାହୁ, ସୁନୀତା ବାଗ, ବାସନ୍ତୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ଦିନରେ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ କୁ ଜିଲ୍ଲାର ସମସ୍ତ ପଞ୍ଚାୟତ ରେ ମଜଭୁତ କରିବା ସହିତ ଲୋକଙ୍କ ଦୈନନ୍ଦିନ ସମସ୍ୟା କୁ ନେଇ ଆନ୍ଦୋଳନ ଗଢିତୋଳିବା ପାଇଁ ନିଷ୍ପତି ହୋଇଛି । କଂଗ୍ରେସ ଦଳ ଯେଉଁ ରାଜନୈତିକ ବିଚାର ଉପରେ ଦଣ୍ଡାୟମାନ , ସେହି ବିଚାର କୁ ଅଧିକ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚେଇବାର ପ୍ରୟାସ ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି । ଆସନ୍ତା କାଲି ଜିରା ନଦୀର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ପୂର୍ବାହ୍ନରେ ଧନୁଯାତ୍ରା ପଡିଆ ରେ ଜିରା ବଞ୍ଚାଅ ଆନ୍ଦୋଳନ କୁ ଆରମ୍ଭ କରାଯିବ ବୋଲି ସଂଗଠନ ପକ୍ଷରୁ ପାଣ୍ଡବ କର୍ଣ୍ଣ ଓ କିଶୋର ସାହୁ ଜଣାଇଛନ୍ତି ।




# ଆୟୁଷ୍ମାନ ଆରୋଗ୍ୟ ଶିବିର

ବୌଦ୍ଧ, ୨୨ ।୨(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ଅଙ୍ଗନବାଡି କେନ୍ଦ୍ରରେ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ଆୟୁଷ୍ମାନ ଆରୋଗ୍ୟ ଅଧୀନ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆଖପାଖ ବିଭିନ୍ନ ଗ୍ରାମର ୮୩ ଜଣ ରୋଗୀଙ୍କ ରକ୍ତଚାପ, ମଧୁମେହ, ରକ୍ତ ଶିକୁଳି, ହିମୋଗ୍ଲୋବିନ ଆଦି ପରୀକ୍ଷା କରାଯିବା ସହ ଔଷଧ ଦିଆଯାଇଥିଲା। ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ରମାକାନ୍ତ ନନ୍ଦ, ଜହ୍ନାପଙ୍କ ସିଏଚଓ ଶୁଭସ୍ମିତା ପାଣିଗ୍ରାହୀ, ଏଏନଏମ ରଶ୍ମିରେଖା ପଣ୍ଡା, ସାଗରିକା ପଣ୍ଡା ଶିବିର ପରିଚାଳନା କରିଥିବା ବେଳେ ଆଶାକର୍ମୀ ଉର୍ମିଳା ପରିଡ଼ା ଶିବିରରେ ସହଯୋଗ କରିଥିଲେ।

# 'ପ୍ରତି ବ୍ଲକ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ପଞ୍ଜୀକରଣ କେନ୍ଦ୍ର ଖୋଲାଯାଉ'

**ବରଗଡ଼,୨୨।୨(ସମିସ):**

ଶନିବାର ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ହୋଇଥିବା ମାସିକ କାର୍ଯ୍ୟକାରିଣୀ ସଭାରେ ଅନେକ ଗରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ପ୍ରତିଷ୍ଠା ଦିବସ ପାଳନ, ସ୍ୱାସ୍ଥ୍ୟସେବା ଶିବିର,ପୁଲିସ ପରିଚୟ ପତ୍ର ପ୍ରଦାନରେ ନିଷ୍କ୍ରିୟତା ପାଇଁ ସମ୍ବଲପୁର ଉତ୍ତରାଞ୍ଚଳ ଡିଆଇଜିଙ୍କୁ ସାକ୍ଷାତ ଉପରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଗଲା । ତନ୍ମଧ୍ୟରୁ କେବଳ ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରରେ ଦିବ୍ୟାଙ୍ଗମାନଙ୍କ ପଞ୍ଜୀକରଣ ପ୍ରମାଣପତ୍ର ପରିବର୍ତ୍ତେ ପ୍ରତି ବ୍ଲକରେ ପର୍ଯ୍ୟାୟ କ୍ରମେ ପୂର୍ବ ସୂଚିତ ଦିବସରେ ଦିବ୍ୟାଙ୍ଗଙ୍କ ପଞ୍ଜୀକରଣ ପ୍ରମାଣପତ୍ର ଦିଆଗଲେ, ବହୁ ଗରିବ ଦିବ୍ୟାଙ୍ଗ ଉପକୃତ ହୋଇପାରିବେ ବୋଲି ସଭାପତି ପ୍ରମୋଦ ଝାଙ୍କର ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଭଟଲି ବ୍ଲକ ସଂଘ ନବନିର୍ବାଚିତ ସମ୍ପାଦକ ମୋତିଲାଲ ବନଛୋରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସଭାରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଗୋବିନ୍ଦ ଦାଶ, ଗୌରଚନ୍ଦ୍ର କର, ସୁଶିଳ ମହାପାତ୍ର, ପ୍ରସନ୍ନ ପ୍ରଧାନ, ତୁଳସୀ ଚରଣ ଦାଶ, ପବିତ୍ର ସରାଫ, ଲୋକନାଥ ଆଚାର୍ଯ୍ୟ, ଦେବୀ ପଟ୍ଟନାୟକ, ଉମାକାନ୍ତ ସାହୁ, ହିମାଂଶୁ ଶେଖର ପାଣ୍ଡେ, ଜଗଦୀଶ ସାହୁ, ସୁରେନ୍ଦ୍ର ସାହୁ,ସାଧୁ ଦାଶ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କାହ୍ନୁଚରଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ।



# ବାଇକ୍ ସହ ୨୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବୌଦ୍ଧ, ୨୨।୨(ସମିସ):** ବୌଦ୍ଧ ପୁଲିସ ବାଇକ୍ ସହ ୨୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଉତ୍ତରପ୍ରଦେଶ ରାଜ୍ୟ ଲାଲଗଞ୍ଜ ଥାନା କୋଟାଘାଟ ଗ୍ରାମର ରାମରୁପ ନାମକ ଜଣେ ଯୁବକକୁ ପୁଲିସ ଗିରଫ କରିଛି। ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ବନ୍ଧାପଥର-ବଢ଼ିଗାଁ ରାସ୍ତାରେ ଏକ ନମ୍ବର ବିହୀନ ବାଇକକୁ ଅଟକାଇଥିଲା। ବାଇକରେ ବୋଝେଇ ହୋଇଥିବା ଏକ ବସ୍ତାକୁ ଯାଞ୍ଚ କରାଯିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଗଞ୍ଜେଇ ଓଜନ କରାଯାଇଥିଲା। ଆଇଆଇସି ରଞ୍ଜିତ ମୁନୀ ଏହି ସୂଚନା ଦେଇଛନ୍ତି।

# ଅଧାବାଟରେ ଧରାପଡ଼ିଲା ସିମେଣ୍ଟ ଚୋରି

**କୋଲାବିରା, ୨୨।୨(ସମିସ):** କୋଲାବିରା ଥାନା ଅଧୀନ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଗୋଟିଏ ଗାଡିରୁ ୨୬୫ ବସ୍ତା ସିମେଣ୍ଟ ଚୋରି ହୋଇଛି । ତାହା ପୁଣି ସ୍ୱଷ୍ଟ ଦିବାଲୋକରେ । ତେବେ ଲିଖିତ ଅଭିଯୋଗ ହୋଇ ନ ଥିବାରୁ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ । ରବିବାର ରାୟପୁରରୁ ଟ୍ରକ୍ ମାଲିକ ଆସିବା ପରେ ଅଭିଯୋଗ ଦେବେ । ତେବେ ଟ୍ରକ୍ ମାଲିକ ଫୋନ ଯୋଗେ କୋଲାବିରା ଥାନାକୁ ଗାଡିରୁ ଚୋରି ହୋଇଥିବା ଘଟଣା ବିଷୟରେ ଅବଗତ କରାଇଛନ୍ତି । ରାୟପୁର ବଲଦା ବଜାରରୁ ଏକ ଟ୍ରକ୍ (ସିଜି ୦୬ ଜି ୬୦୬୫) ୬୨୦ ବସ୍ତା ସିମେଣ୍ଟ ନେଇ କୋଲାବିରାସ୍ଥିତ ଅବନ୍ତୀ ଟ୍ରେଡର୍ସକୁ ଆସୁଥିଲା; ମାତ୍ର ସକାଳୁ ଗାଡିଟି ଡିଲର ପଏଣ୍ଟକୁ ପହଞ୍ଚିବା ପରିବର୍ତ୍ତେ ଅପରାହ୍ନ ପର୍ଯ୍ୟନ୍ତ ଟ୍ରକ୍ର ଦେଖା ମିଳି ନ ଥିଲା । ଏସଂକ୍ରାନ୍ତରେ ଟ୍ରକ୍ ମାଲିକଙ୍କ ସହିତ ଯୋଗାଯୋଗ କରିବା ପରେ ସେ ଟ୍ରକ୍ ଡ୍ରାଇଭରଙ୍କୁ ଫୋନ୍ କରିଥିଲେ; ମାତ୍ର ଦୀର୍ଘ ସମୟ ଫୋନ୍ ରିଂ ହେବାପରେ ମଧ୍ୟ ଡ୍ରାଇଭର ଫୋନ୍ ରିସିଭ କରି ନ ଥିଲେ । ଏଣୁ ମାଲିକ ଜିପିଏସ ଟ୍ରାକିଂ କରିଥିଲେ । କୋଲାବିରା ଥାନା ଏନଏଚ ୪୯ ପତ୍ରାପାଲି ଛକଠାରେ ଟ୍ରକଟି ବହୁ ସମୟ ଧରି ଛିଡା ରହିଥିବା ଜାଣିବାକୁ ପାଇଥିଲେ । କିଛି ସମୟ ପରେ ଟ୍ରକଟି କୋଲାବିରା ଅତିକ୍ରମ କରି ମାଲିଡିହି ପର୍ଯ୍ୟନ୍ତ ଯାଇ ସେଠାରେ ଛିଡା ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ସେ ଖୋଳତାଡ ଆରମ୍ଭ କରିଥିଲେ । ଶେଷରେ କୋଲାବିରା ଥାନାକୁ ସୂଚନା ଦେଇଥିଲେ । ଇତି ମଧ୍ୟରେ ଟ୍ରକ୍ ମାଲିକ ଏବଂ କୋଲାବିରା ଅବନ୍ତୀ ଟ୍ରେଡର୍ସ ପକ୍ଷରୁ ଯୋଗସୂତ୍ର ସ୍ଥାପନ ହୋଇଥିଲା । ପତ୍ରାପାଲିରେ ଟ୍ରକ୍ ଛିଡା ହୋଇଥିବା ସ୍ଥାନକୁ ଯାଇଥିଲେ । ସେଠାରେ ଟ୍ରକ୍ରୁ ୨ ଶହ ବସ୍ତାରୁ ଅଧିକ ସିମେଣ୍ଟ ଅନଲୋଡ ହୋଇ ଗଦା ହୋଇଥିଲା । ଅଭିଯୋଗ ପରେ ପୁଲିସ ପତ୍ରାପାଲିରେ ଅନଲୋଡ ହୋଇଥିବା ସିମେଣ୍ଟ ଜବତ କରିଛି ।

## ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

# 'ଶ୍ରମିକମାନେ ଦେଶର ବିନ୍ଧାଣୀ'



**ଝାରସୁଗୁଡା, ୨୨।୨(ସମିସ):** ଶ୍ରମିକମାନେ ଦେଶର ବିନ୍ଧାଣୀ । ସେମାନଙ୍କ ଉନ୍ନତି ପାଇଁ ସରକାର ତତ୍ପର ରହିଛନ୍ତି । ରାଜ୍ୟ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଓ ବିଧାୟକ ଟଙ୍କଧର ତ୍ରିପାଠୀ ଏହା କହିଛନ୍ତି । ଏଥି ସହିତ ଶ୍ରମିକଙ୍କୁ ବିଭିନ୍ନ ସୁବିଧା କରାଇ ଦେବା ନାଁରେ ପ୍ରଲୋଭନ ଦେଖାଇ ଅର୍ଥ ଶୋଷଣ କରୁଥିବା ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଓ ବିଧାୟକ କହିଛନ୍ତି ।

ଝାରସୁଗୁଡା ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି ଯେ, ପଛ ଧାଡ଼ିର ମଣିଷ ଆଗକୁ ଆସିଲେ ଦେଶର ଉନ୍ନତି ହେବ । ଝାରସୁଗୁଡାରେ ଶ୍ରମିକମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧା ସୁଯୋଗର ଲାଭ ନେବାକୁ ସେ ଆହ୍ୱାନ ଦେଇଛନ୍ତି । ସ୍ୱାଭାବିକ ମୃତ୍ୟୁ ପାଇଁ ଶ୍ରମିକଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ୨ଲକ୍ଷରୁ ୩ ଲକ୍ଷକୁ ବୃଦ୍ଧି ଏବଂ ଦୁର୍ଘଟଣା ଜନିତ ସହାୟତା ରାଶି ୪ଲକ୍ଷରୁ ୬ଲକ୍ଷକୁ ବୃଦ୍ଧି କରାଯାଇଥିବା ମନ୍ତ୍ରୀ କହିଥିଲେ । ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଶ୍ରମିକମାନେ ସଚେତନ ହେବା ଜରୁରୀ । ଜିଲ୍ଲାରେ ସମସ୍ତ ଶ୍ରମିକ ଯେପରି ପଞ୍ଜୀକୃତ ହେବେ ସେଥିପାଇଁ କର୍ମଶାଳା ଆୟୋଜନ ତଥା ପ୍ରଚାର ପ୍ରସାର ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ପ୍ରଶାସନକୁ ସେ ପରାମର୍ଶ ଦେଇଥିଲେ ।

ବିଧାୟକ ଶ୍ରୀ ତ୍ରିପାଠୀ ଶ୍ରମିକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼େଇବାକୁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶିବିର ଆୟୋଜନ ମାଧ୍ୟମରେ ଶ୍ରମିକଙ୍କ କାର୍ଡ ନବୀକରଣ କରାଯିବା ସହ ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରେ ଶ୍ରମିକମାନଙ୍କ ଡାଟାବେସ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନୀୟ ଯୁବକଯୁବତୀମାନଙ୍କ ନିଯୁକ୍ତି ଉପରେ ବିଧାୟକ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ବିଧାୟକ ଜିଲ୍ଲାରେ ଏକ ଇଏସ୍ଆଇ ହସ୍ପିଟାଲ ସ୍ଥାପନା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଝାରସୁଗୁଡ଼ାରେ ଶହେ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ସ୍ଥାପନା ପାଇଁ ଇଡ୍କୋ ତରଫରୁ ଜମି ଯୋଗାଇ ଦିଆଯାଇଛି । ଶ୍ରମିକ କଲ୍ୟାଣ ନିମନ୍ତେ ଆଗାମୀ ଦିନରେ ଏହା ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ସମାରୋହରେ ଅତିରିକ୍ତ ଶ୍ରମ କମିଶନର ଘାସିରାମ ଟୁଡୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ସୁନିତା କିସାନ ଓ ଶ୍ରମ ଅଧିକାରୀ(କଲ୍ୟାଣ) ସୁନିତା ଲାକ୍ରା ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଓ ବିଧାୟକ ମୃତ୍ୟୁକାଳୀନ ସହାୟତା ବାବଦକୁ ୪ଜଣଙ୍କୁ ୨ଲକ୍ଷ ଲେଖାଏଁ, ଅନ୍ତ୍ୟେଷ୍ଟି କ୍ରିୟା ବାବଦକୁ ୪ଜଣଙ୍କୁ ୫ହଜାର ଲେଖାଏଁ ଓ ବିବାହକାଳୀନ ସହାୟତା ବାବଦକୁ ୮ଜଣଙ୍କୁ ୫୦ହଜାର ଲେଖାଏଁ ଟଙ୍କା ପ୍ରଦାନ କରିଥିଲେ । ସେହିପରି ୫୦ଜଣ ନିର୍ମାଣ ଶ୍ରମିକ ଓ ୧୭ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

## ଜିଲ୍ଲା ଫରେଷ୍ଟ ଡିଭିଜନର ନୂତନ କାର୍ଯ୍ୟାଳୟ



**ଝାରସୁଗୁଡ଼ା, ୨୨।୨(ସମିସ):** ଝାରସୁଗୁଡା ଜିଲ୍ଲା ବିଟିଏମ୍ ପଡ଼ିଆ ସମ୍ମୁଖସ୍ଥ ନୂତନ ଝାରସୁଗୁଡ଼ା ଜିଲ୍ଲା ଫରେଷ୍ଟ ଡିଭିଜନ କାର୍ଯ୍ୟାଳୟ ଅଟ୍ଟାଳିକା ଉଦ୍‌ଘାଟିତ ହୋଇଛି । ରାଜ୍ୟ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଓ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏହାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପଶ୍ଚିମ ଓଡ଼ିଶାରେ ଜଙ୍ଗଲ ସ୍ଥିତିକୁ ନେଇ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟଙ୍କ ସମେତ ସମ୍ବଲପୁର, ବରଗଡ଼, ବାମରା, ରେଢ଼ାଖୋଲ ଓ ହୀରାକୁଦ ବନଖଣ୍ଡ ଅଧିକାରୀ ଉପସ୍ଥିତ ଥିଲେ ।

# ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ରେଢ଼ାଖୋଲ, ୨୨।୨( ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପାର୍ଥ ସାରଥୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରେଢ଼ାଖୋଲ ଥାନା ଅଧୀନ ଜଣେ ବ୍ୟକ୍ତି ହତ୍ୟା ଅଭିଯୋଗରୁ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ସେ ହେଲେ ଅବଦୁଲ ଶେଖ । ସୂଚନା ଯୋଗ୍ୟ ଯେ ୨୦୨୩ ମସିହାରେ ରେଢ଼ାଖୋଲ ଥାନାରେ ଆମ୍ବପାଲ ଗ୍ରାମର ବାସିନ୍ଦା ସରିତା ଗିଲୁଆ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ରେଢ଼ାଖୋଲ ଥାନା ଅଧୀନ ରଥତଇଲା ଗ୍ରାମର ଅଭିଯୋଗକାରୀଙ୍କ ନାନୀ ସାଲମୀ ମିଞ୍ଜଙ୍କୁ ଅବଦୁଲ ଶେଖ ହତ୍ୟା କରିଥିଲା । ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । କିନ୍ତୁ କୋର୍ଟରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଉକ୍ତ ଅଭିଯୁକ୍ତକୁ ରେଢ଼ାଖୋଲ ଜିଲ୍ଲା ଦୌରା ଜଜ୍ କୋର୍ଟରୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ତରଫରୁ କୋର୍ଟରେ ବରିଷ୍ଠ ଓକିଲ ହାରୁନ୍ ଖାନ ଏବଂ ତାଙ୍କ ସହଯୋଗୀମାନେ ପରିଚାଳନା କରିଥିଲେ ।

# ବୋଲେରୋ ସହ ୨୬୫ ବଣ୍ଡଲ କେନ୍ଦୁପତ୍ର ଜବତ, ଦୁଇ ଗିରଫ

ରିଆମାଳ, ୨୨।୨(ସମିସ): ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅଧୀନ କରଲଗା ଜିରୋ ପଏଣ୍ଟରେ ଶନିବାର ସକାଳୁ ପୁଲିସ ଏକ ବେଆଇନ କେନ୍ଦୁପତ୍ର ବୋଝେଇ ବୋଲେରୋ ଜବତ କରିଛି । ବୋଲେରୋ ଡ୍ରାଇଭର ପଶ୍ଚିମବଙ୍ଗ ରାଜ୍ୟ ପୂର୍ବ ମେଦିନିପୁର ଜିଲ୍ଲା କଳାଘାଟ ଥାନା ବରଦାବାର ଗ୍ରାମର ଦେବକୁମାର ଘଡ଼େଇ(୩୬) ଓ ହେଲପର ସେହି ଗ୍ରାମର କାର୍ତ୍ତିକ ଘଡ଼େଇ (୩୮) ଗିରଫ ହୋଇଛନ୍ତି । ବୋଲେରୋରୁ ୨୬୫ ବଣ୍ଡଲ କେନ୍ଦୁପତ୍ର ଓ ପଲିଥିନ ଜବତ କରାଯାଇଛି । ଭୋର ୫ଟା ୩୦ରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଏହି ବୋଲେରୋଟି ଦ୍ରୁତଗତିରେ ଯାଉଥିବାରୁ ସନ୍ଦେହ କରିଥିଲା । ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିବାରୁ କେନ୍ଦୁପତ୍ର ମିଳିଥିଲା । କେନ୍ଦୁପତ୍ର ରେଢ଼ାଖୋଲ ଅଞ୍ଚଳରୁ କିଣାଯାଇ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା ।

● ଧରାପଡ଼ିଲା ବେଆଇନ କୋଇଲା ଚୋରା ଚାଲାଣ

# ଚାଳକ ଗିରଫ, ଦୁଇ ଟନ୍ କୋଇଲା ଜବତ

ରିଆମାଳ, ୨୨।୨(ସମିସ): ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅଧୀନ କରଲଗା ଜିରୋ ପଏଣ୍ଟରେ ଶନିବାର ସକାଳୁ ପୁଲିସ ଏକ ବେଆଇନ କୋଇଲା ବୋଝେଇ ପିକଅପ୍ ଜବତ କରିଛି । ଏହି ଘଟଣାରେ ଡ୍ରାଇଭର ଅନୁଗୁଳ ଜିଲ୍ଲା ନିଶା ଥାନା ଝିଣ୍ଟିପାଳ ଗ୍ରାମର ଦିଲ୍ଲୀପ ସାହୁ(୩୦) ଗିରଫ ହୋଇଛି । ବୁଢାପାଳ ଅଞ୍ଚଳରୁ ଦ୍ରୁତଗତିରେ ପିକଅପ୍ ଗାଡ଼ି(ଓଡି-୦୨-ସିକ୍ୟୁ-୮୬୦୬) ଆସୁଥିବା ବେଳେ ପୁଲିସ ସନ୍ଦେହ କରି ଅଟକାଇଥିଲା । ଯାଞ୍ଚ କରିବାରୁ ୨ ଟନ୍ କୋଇଲା ମିଳିଥିଲା । ଡ୍ରାଇଭରର ଲାଇସେନ୍ସ ଓ ଗାଡିର କାଗଜପତ୍ର ଠିକ୍ ନ ଥିବାରୁ ଗିରଫ କରାଯାଇଥିଲା । ଏହା ଦେବଗଡ଼ ଅଞ୍ଚଳକୁ ବେଆଇନ ଭାବେ ଚାଲାଣ ହେଉଥିଲା ।

# ଠିକ ସ୍ଥାନରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଅନୁରୋଧ

କୁଚିଣ୍ଡା, ୨୨।୨(ସମିସ) : ତେଲି ତିଳଇମାଲ ପଞ୍ଚାୟତ ଲଇଡ଼ାଗୁନା ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରଶାସନ ଉଦ୍ୟମ କରିଥିଲା । କିନ୍ତୁ କିଛି ଲୋକଙ୍କ ଚାପରେ ଏକ ଅବାନ୍ତର ଜାଗାରେ କଲ୍ୟାଣ ମଣ୍ଡପ କରିବା ପାଇଁ ମସୁଧା କରୁଥିବା ଜାଣି ଗ୍ରାମବାସୀ ବିଡିଓ ଓ ତହସିଲଦାରଙ୍କୁ ଉଚିତ ଜାଗାରେ କରିବା ପାଇଁ ଅନୁରୋଧ କରିଥିଲେ । ସୂଚନା ମୁତାବକ ଗ୍ରାମବାସୀ ତହସିଲଦାରଙ୍କୁ ଅନୁରୋଧ କରିବାବେଳେ ତହସିଲଦାର ସହଯୋଗ ନ କରି ମୁ ଯେଉଁଠି କହିଛି ସେଇଠି ହେବ ବୋଲି କହି ଚାଲି ଯାଇଥିଲେ । କିଛି ଉପାୟ ନ ପାଇ ଗ୍ରାମବାସୀ କୁଚିଣ୍ଡା ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷଙ୍କୁ ଜଣାଇବା ପରେ ଏବଂ ଏକ ନିଦ୍ୱର୍ନ୍ଦ୍ୱ ସ୍ଥାନ ଗ୍ରାମବାସୀ ନିର୍ଣ୍ଣୟ କରିବା ପାଇଁ କହିଥିଲେ ।

# କଂସର ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ କପି

ଦେବଗଡ଼, ୨୨।୨(ସମିସ): ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି । ଅବାଧ ଓ ସ୍ୱଚ୍ଛ ପରୀକ୍ଷା ପରିଚାଳନା ନେଇ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଡିଣ୍ଡିମ ପିଟୁଛି । ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ଦେଖିବାକୁ ମିଳିଛ । ସରକାର ଉଚ୍ଚ ଶିକ୍ଷା ବିଭାଗର ସ୍ୱଚ୍ଛ ପରୀକ୍ଷା ପରିଚାଳନା ଯୋଜନା ବାସ୍ତବ କ୍ଷେତ୍ରରେ କେତେ ସ୍ୱଚ୍ଛ ତାହାର ଚିତ୍ର ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ କଂସର ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏହି ପରୀକ୍ଷା କେନ୍ଦ୍ରରେ ନିଜସ୍ୱ ଅନୁଷ୍ଠାନର ୪ ଛାତ୍ରଛାତ୍ରୀ ଓ ରିଆମାଳ ବ୍ଲକ ନୂଆପଡ଼ା ପଞ୍ଚାୟତ ଲଳିତା ଅନନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦ ଛାତ୍ରଛତ୍ରୀ ପରୀକ୍ଷା ଦେଉଛନ୍ତି । ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପରିଚାଳନା ସୁରକ୍ଷା ବ୍ୟବସ୍ଥା ମୁକୁଳା ଥିବା କିଛି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ପରୀକ୍ଷା କେନ୍ଦ୍ର ସମ୍ମୁଖ ଭାଗରେ ସ୍ଥାନୀୟ ଫାଣ୍ଡିର ଦୁଇ ଜଣ ଗୃହରକ୍ଷୀଙ୍କୁ ଅବାଧ ପରୀକ୍ଷା ପରିଚାଳନା ପାଇଁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି; ହେଲେ ଦିନ ଦ୍ୱି ପ୍ରହରରେ ସୁରକ୍ଷା କର୍ମୀ ଗଭୀର ନିଦ୍ରାରେ ରହୁଥିବା ଦେଖିବାକୁ ମିଳିଛି । ସେହିପରି ପରୀକ୍ଷା କେନ୍ଦ୍ର ପଛ ପଟେ ଝରକା ଓ ଗଳା ବାଟ ଦେଇ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନ ଉତ୍ତର ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ପରୀକ୍ଷା ପରିଚାଳନା ପାଇଁ ନିଯୁକ୍ତ ସେଣ୍ଟର ସୁପରିଟେଣ୍ଡେଣ୍ଟଙ୍କ ସହ ଗୁପ୍ତ ବୁଝାମଣା ଆଧାରରେ ଏହି କେନ୍ଦ୍ରକୁ ପରୀକ୍ଷା ଦେବାପାଇଁ ଆସୁଥିବା ଅନ୍ୟ ବିଦ୍ୟାଳୟ ସହ ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଛି ।ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ସ୍ୱାମୀ ଶାସକ ଦଳର ପ୍ରଭାବଶାଳୀ ନେତା । ପରୀକ୍ଷା କେନ୍ଦ୍ର ନିକଟରେ ଗହଳି ନ କରି ଯୋଜନା ମୁତାବକ ହାତ ଗଣତି ମାତ୍ର କେଇଜଣ ଯୁବକଙ୍କୁ ଉତ୍ତର ଯୋଗାଇବାରେ ନିୟୋଜିତ କରାଯାଇଛି ।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍ଏଲ୍ ଟାଉନସିପ୍‌ରେ ସାମୂହିକ ବିବାହ



ସମ୍ବଲପୁର, ୨୨।୨( ସମିସ): ସମ୍ପ୍ରଦାୟର ଆତ୍ମା ଏବଂ ପ୍ରେମର ଏକ ସ୍ପର୍ଶକାତର ପ୍ରଦର୍ଶନରେ ଜେଏସ୍‌ଡବ୍ଲ୍ୟୁ ବିପିଏଲ ସମ୍ବଲପୁରର ଆକାଂକ୍ଷା ଲେଡିଜ୍ କ୍ଲବ୍, ବିପିଏସ୍ଏଲ୍ ଟାଉନସିପରେ ସାମୂହିକ ବିବାହ ଉତ୍ସବର ଆୟୋଜନ କରିଥିଲା । ୨୦ ଟି ଦମ୍ପତି ବିବାହ ବନ୍ଧନରେ ବାନ୍ଧିହୋଇଥିଲେ । ଏହା ଅଭାବି ପରିବାରକୁ ସହାୟତା କରିବାର ଏକ ହୃଦୟସ୍ପର୍ଶୀ ପଦକ୍ଷେପ । ସାମାଜିକ ଏବଂ ଆର୍ଥିକ ପଛୁଆ ସମ୍ପ୍ରଦାୟରୁ ଆସିଥିବା ଅନେକ ଦମ୍ପତି ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ, ଯାହା ପାରମ୍ପାରିକ ସମାରୋହରେ ବିବାହ କରିବା ଅସମ୍ଭବ ହୋଇପଡ଼ିଥିଲା । ସେମାନଙ୍କ ଦୁଃଖକୁ ବୁଝି, ଆକାଂକ୍ଷା ଲେଡିଜ୍ କ୍ଲବ୍ ଏହି ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଅଣ୍ଟା ଭିଡ଼ିଥିଲା । ଉଭୟ ପରିବାରର ପ୍ରାୟ ୫୦୦ ଅତିଥି, ଟାଉନସିପ୍ ବାସିନ୍ଦା, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି, ଏବଂ ଗ୍ରାମ ସରପଞ୍ଚମାନେ ବିବାହ ଉତ୍ସବରେ ଉପସ୍ଥିତ ଥିଲେ । ଏହି ମହତ ପଦକ୍ଷେପ ପଛରେ ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ନୀଲମ୍ ସିଂ ନିଜର ହୃଦୟସ୍ପର୍ଶୀ ଭାବନା ପ୍ରକାଶ କରିଛନ୍ତି । ସ୍ଥାନୀୟ ବୁଣାକାର ସମ୍ପ୍ରଦାୟକୁ ସମର୍ଥନ କରିବା ଠାରୁ ଆରମ୍ଭ କରି ବଞ୍ଚିତ ପିଲାମାନଙ୍କୁ ଡାକ୍ତରୀ ଏବଂ ଶିକ୍ଷାଗତ ସହାୟତା ପ୍ରଦାନ କରିବା ପର୍ଯ୍ୟନ୍ତ ଆକାଂକ୍ଷା ଲେଡିଜ୍ କ୍ଲବ୍‌ର ଚାରିଟେବୁଲ୍ ପ୍ରୟାସ ଏକ ଗଭୀର ପ୍ରଭାବ ପକାଇଛି । ଏହି ଜନ ବିବାହ ଉତ୍ସବ ଶୁଭେଚ୍ଛା, ପ୍ରେମ ଏବଂ ଏକତାର ଭାବନାକୁ ଆହୁରି ଦୃଢ଼ କରିବାକୁ ଆଉ ଏକ ସୁନ୍ଦର ପଦକ୍ଷେପ ଥିଲା ।

# ସଂଗ୍ରହାଳୟ ରୂପନେବ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ



**ଦେବଗଡ଼, ୨୨।୨(ସମିସ):** ଦେଶ ସ୍ୱାଧୀନତାର ବହୁ ପୂର୍ବରୁ ରାଜା ରାଜୁଡା ଅମଳରେ ତତ୍କାଳୀନ ବାମଣ୍ଡା ଗଡ଼ଜାତର ପ୍ରଶାସନିକ ଓ ବିଚାର ବ୍ୟବସ୍ଥାକୁ ପରିଚାଳନା ପାଇଁ ଦେବଗଡ଼ ସହର ମଧ୍ୟରେ ନିର୍ମିତ କୋଠା ଖୁବ ଶୀଘ୍ର ସଂଗ୍ରହାଳୟର ମାନ୍ୟତା ପାଇବ । ଏଥିପାଇଁ କେନ୍ଦ୍ରୀୟ ଗବେଷଣା ଓ ପ୍ରଶିକ୍ଷଣ ପରୀକ୍ଷାଗାରର ନିର୍ଦ୍ଦେଶକଙ୍କ ସହ ନ୍ୟାସନାଲ କାଉନସିଲ ଅଫ ସାଇନ୍ସ ଆଣ୍ଡ ମ୍ୟୁଜିୟମର ପୂର୍ବତନ ନିର୍ଦ୍ଦେଶକ ତଥା ବର୍ତ୍ତମାନର କନସୋଲଟାଣ୍ଟ ଏବଂ ବିର୍ଲା ଇଣ୍ଡଷ୍ଟ୍ରିଆଲ ଓ ଟେକନୋଲୋଜିକାଲ ମ୍ୟୁଜିୟମର ନିର୍ଦ୍ଦେଶକ ଦେବଗଡ଼ ଗସ୍ତରେ ଆସି ଏହି କୋଠା ପରିଦର୍ଶନ କରିଛନ୍ତି । ଏହି ଶତାୟୁ କୋଠାରେ ଦୀର୍ଘ ବର୍ଷ ଧରି ଦେବଗଡ଼ ଜିଲ୍ଲାର ପ୍ରଶାସନିକ ଓ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟକ୍ଷମ ରହିଥିଲା । ଗତ କିଛି ବର୍ଷ ପୂର୍ବେ ବିଚାର ବିଭାଗର ନୂତନ କୋଠା ନିର୍ମାଣ ପରେ ଏହି କୋଠାରୁ ବିଚାର ବିଭାଗ ସ୍ଥାନାନ୍ତର ହୋଇଥିଲା । ଶେଷର କିଛି ମାସ ପୂର୍ବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ପ୍ରଶାସନିକ ବିଭାଗର କାର୍ଯ୍ୟାଳୟର ନୂତନ କୋଠାକୁ ସ୍ଥାନାନ୍ତର ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପରେ ଉକ୍ତ ଐତିହାସିକ କୋଠାର ଭବିଷ୍ୟତ ନେଇ ଜିଲ୍ଲାବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏହି କୋଠାର ରକ୍ଷଣାବେକ୍ଷଣ ସହ ବ୍ୟବହାର ଉପଯୋଗୀ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ବିଭିନ୍ନ ମତ ଦେଇ ଭିନ୍ନଭିନ୍ନ ଦାବି କରି ଆସୁଥିଲେ । ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପୁରୁଣା କୋଠାକୁ ମ୍ୟୁଜିୟମରେ ପରିଣତ କରି ବାମଣ୍ଡା ଗଡ଼ଜାତର ଐତିହକୁ ସ୍ଥାନିତ କରିବାକୁ ଦାବି କରିଥିଲେ । ବିଧାୟକଙ୍କ ଦାବିର ଯଥାର୍ଥତାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ସଂଗ୍ରହାଳୟ ସ୍ଥାପନ ପାଇଁ ପ୍ରଥମ ପର୍ଯ୍ୟାୟରେ ୪ କୋଟି ଟଙ୍କା ମଞ୍ଜୁର କରିବା ସହ ଐତିହାସିକ କୋଠାକୁ ମ୍ୟୁଜିୟମରେ ପରିଣତ ପାଇଁ ଉକ୍ତ କୋଠା ଓ ସ୍ଥାନୀୟ ଅଞ୍ଚଳର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ତଦାରଖ ପାଇଁ ଏକ ୩ ଜଣିଆ କମିଟିକୁ ପରିଦର୍ଶନ ପାଇଁ ପଠାଇଥିଲେ । ଶନିବାର ସେଣ୍ଟ୍ରାଲ ରିସର୍ଚ୍ଚ ଓ ଟ୍ରେନିଂ ଲାବୋରଟେରୀ, ରାଷ୍ଟ୍ରୀୟ ପରିଷଦ ବିଜ୍ଞାନ ସଂଗ୍ରହାଳୟର ନିର୍ଦ୍ଦେଶକ ମାନସ ବାଗଚି, ଉକ୍ତ ସଂସ୍ଥାର ପ୍ରାକ୍ତନ ନିର୍ଦ୍ଦେଶକ ନଟରାଜ ଦାଶଗୁପ୍ତା ଓ ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକନୋଲୋଜିକାଲ ସଂଗ୍ରହାଳୟ ନିର୍ଦ୍ଦେଶକ ଅର୍ଣ୍ଣବ ଚାଟର୍ଜୀ ଦେବଗଡ଼ ଗସ୍ତରେ ଆସିଥିଲେ । ଏମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପୁରୁଣା କୋଠା ପରିଦର୍ଶନରେ ଆସି କୋଠା ଅନୁଧ୍ୟାନ କରିଥିଲେ । ଏହି ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ଜିଲ୍ଲା ନାଗରିକ କମିଟିର ବହୁ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

## ଝାରସୁଗୁଡ଼ା ଜିଲ୍ଲା କୃଷକ ସଙ୍ଗଠନ ସମନ୍ୱୟ ସମିତି ବୈଠକ

# ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚାଷୀଙ୍କ ଚେତାବନୀ



**ଝାରସୁଗୁଡା, ୨୨।୨(ସମିସ):** ଝାରସୁଗୁଡା ଜିଲ୍ଲା କୃଷକ ସଙ୍ଗଠନ ପକ୍ଷରୁ ଲଖନପୁର ବ୍ଲକ ପଞ୍ଚଗାଁ ପଞ୍ଚାୟତ ମହିମାପୁରମ ବିଜାପାଲି ମହିମା ଆଶ୍ରମ ପରିସରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାର ଯଦି ଚାଷୀଙ୍କ ଦାବିଗୁଡିକ ପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତାହାହେଲେ ଚାଷୀ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଉପସ୍ଥିତ ଚାଷୀ ସମୂହ ମତ ପ୍ରକାଶ କରିଥିଲେ । ଏହା ବ୍ୟତୀତ ଝାରସୁଗୁଡ଼ା ଜିଲ୍ଲାରେ ଅବିଚାରିତ ଶିଳ୍ପାୟନ ଓ ଖଣି ଖନନ କାରଣରୁ ହେଉଥିବା ପ୍ରଦୂଷଣକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି ।

ବୈଠକରେ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଜିଲ୍ଲାର କ୍ରପ୍ କଟିଙ୍ଗ ଆଧାରରେ ଧାନ ସଂଗ୍ରହ ହାର ସ୍ଥିର କରିବା, ଧାନ ବିକ୍ରି ପାଇଁ ତାରିଖ ଧାର୍ଯ୍ୟ ଜିଲ୍ଲା କ୍ରୟ ସମିତିକୁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରିବା, ଟୋକନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ କରିବା, ପଡ଼ୋଶୀ ଛତିଶଗଡ଼ ଧାରାରେ ଧାନ ସଂଗ୍ରହ ନୀତି ଅବଲମ୍ବନ କରି ମିଲର୍ ଭୂମିକାକୁ ବନ୍ଦ ପୂର୍ବକ କଟନି ଛଟନି ଓ ଦଲାଲ ମୁକ୍ତ କରି ରାଜ୍ୟ ସରକାର ନିଜେ ଚାଷୀଙ୍କଠାରୁ ଧାନ କ୍ରୟ କରିବା, ପ୍ରତ୍ୟେକ ଚାଷୀଙ୍କ ଜମିକୁ ଜଳସେଚନ ବ୍ୟବସ୍ଥା କରିବା ସହିତ ଧାନ କ୍ରୟ ପରିମାଣ ଏକର ପିଛା ୧୩ ରୁ ୨୫ କୁଇଣ୍ଟାଲକୁ ବୃଦ୍ଧି କରିବା, ସମସ୍ତ ମେଗା ଉଠା ଜଳସେଚନ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକ୍ଷମ କରିବା ସହିତ ଖରିଫ ଓ ରବି ଉଭୟ ଚାଷ ପାଇଁ ଚାଷୀଙ୍କ ଜମିକୁ ପାଣି ଯୋଗାଇବା, କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ବିଦ୍ୟୁତ ବିଲ୍ ଦେୟମୁକ୍ତ କରିବା, ନାନୁ ଯୁରିଆକୁ ବାଧ୍ୟତା ମୂଳକ ନ କରିବା ଆଦି ବିଭିନ୍ନ ସମସ୍ୟା ବିଷୟରେ ସରଗରମ ଆଲୋଚନା ହୋଇଥିଲା ।

ଲଖନପୁର ବ୍ଲକ ପଶ୍ଚିମାଞ୍ଚଳ କୃଷକ ସଙ୍ଗଠନ ସମନ୍ୱୟ ସମିତି ସଭାପତି ପଞ୍ଚାନନ ପଧାନ ସଭାପତିତ୍ୱ କରିଥିବା ବେଳେ ମହେନ୍ଦ୍ର କୁମାର ସାଏ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ । ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଓ ଲିଙ୍ଗରାଜ, ପ୍ରବକ୍ତା ସରୋଜ ମହାନ୍ତି, ସଂଯୋଜକ ବ୍ୟୋମକେଶ ଠାକୁର, ଶିବ ପ୍ରସାଦ ପ୍ରଧାନ, ଅରୁଣ ପ୍ରଧାନ, ଭୈରବ ପ୍ରଧାନ, ସୁରେଶ ତ୍ରିପାଠୀ, ର ମେଶ ତ୍ରିପାଠୀ ଏବଂ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଗିରିଶ ଖମାରୀ, ଧନେଶ୍ୱର ବିଶ୍ୱାଳ, ଜଗଦୀଶ ଭୋଇ, ନନ୍ଦକିଶୋର ଭୋଇ, ରତ୍ନାକର ଖମାରୀ, ହିମାଂଶୁ ଭୂଷଣ ପଧାନ, ତୀର୍ଥବାସୀ ମେହେର, ରାମନାଥ ବିଶି, ଚନ୍ଦ୍ରମଣି ବିଶ୍ୱାଳ, ବିଜୟଲାଲ ବିଶ୍ୱାଳ, ସୁରେଶ ଖମାରୀ, ଗୋବର୍ଦ୍ଧନ ବାରିକ, ଶମ୍ଭୁ ନାଥ, ଡୋଳାମଣି ପଧାନ, ବିନୋଦ ପଧାନ, ଅଶୋକ ସାହୁ, ଜଗବନ୍ଧୁ ସା, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଚାଷୀ ଯୋଗଦେଇ ନିଜ ନିଜ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଶେଷରେ ମଟିଦା ପ୍ୟାକ୍ସର ସଭାପତି ଫକୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

